ÙCÛ

# @Aîa Aî MúZ



ùfLK : ab_iû\ jeP¦^

# ମୋ ଅନାବନା ଗୀତ

ଶିକ୍ଷକ ବିଭୂପ୍ରସାଦ ହରିଚନ୍ଦନ
(ଏମ୍.ଏ, ବି.ଏଡ୍, ଏଲ୍.ଏଲ୍.ବି)

**ପ୍ରକାଶକ**

ଆମରିସତ୍ୟ
AMARISATYA

# ମୋ ଅନାବନା ଗୀତ

**ରଚନା : ଶିକ୍ଷକ ବିଭୂପ୍ରସାଦ ହରିଚନ୍ଦନ**
**ସର୍ବସ୍ୱତ୍ତ୍ୱ ଅଧିକାରିଣୀ : ସୌମିତ୍ରା ହରିଚନ୍ଦନ**
**ପ୍ରଥମ ସଂସ୍କରଣ : ୨୦୧୮**
**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ, ଜିଲା: ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରିଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ରଥ
**ଲେଖକଙ୍କ ଠିକଣା :** ସାନପଲା, ପୋ : ପଲାହାଟ, ଜି : ଖୋର୍ଦ୍ଧା-୭୫୨୦୫୬
**ମୋବାଇଲ୍ :** ୭୦୭୭୯୮୩୮୪୦

**MO ANABANA GEETA**
Written by: *Bibhu Prasad Harichandan*
c *: Smt. Saumitra Harichandan*
*1st Edition : 2018*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980

--------------------

Printed at:
PRATIVA PRINTERS
Unit -9, Bhubaneswar

--------------------

*Address of the Author - Sanapala,*
*Post : Palla Hata / Dist : Khordha-752056*
*Mob. : 7077983840*

ସହଯୋଗ ମୂଲ୍ୟ: **୫୦.୦୦ ଟଂକା** / Price: ₹ 50.00

# ଉତ୍ସର୍ଗ

ଓଡ଼ିଆ ଭାଷା ଏବଂ ସଂସ୍କୃତିର ପ୍ରସାର ତଥା ଛାତ୍ରଛାତ୍ରୀଙ୍କୁ ଜ୍ଞାନାଲୋକ ପ୍ରଦାନ କରୁଥିବା ଏବଂ ଖୋର୍ଦ୍ଧାରୁ ଧାରାବାହିକ ଭାବେ ପ୍ରକାଶିତ ହେଉଥିବା ମାସିକ ଆମରିସତ୍ୟ ପତ୍ରିକାର ଅବଦାନ ପାଇଁ ମୋର ଏହି "ମୋ ଅନାବନା କବିତା" ଗୁଚ୍ଛଟିକୁ ସାଦରେ ସମର୍ପଣ କରୁଛି ।

**- ବିଭୂପ୍ରସାଦ ହରିଚନ୍ଦନ**

# ସୂଚୀପତ୍ର

| | | |
|---|---|---|
| ୧. | ଚଂପା | ୫ |
| ୨. | ମୋ କବିତା ଲେଖା | ୬ |
| ୩. | ଗୋଲାପ | ୧୦ |
| ୪. | ସହସ୍ର ପ୍ରଣାମ ତୁମ୍ଭ ଚରଣେ | ୧୧ |
| ୫. | ପଦ୍ମ | ୧୨ |
| ୬. | କଦଳୀ | ୧୩ |
| ୭. | ଟଗର | ୧୪ |
| ୮. | ପରିଶ୍ରମୀ ମଣିଷ | ୧୫ |
| ୯. | ରଜ ଗୀତିକା | ୧୬ |
| ୧୦. | ମନ୍ଦାର | ୧୭ |
| ୧୧. | "ମା" | ୧୮ |
| ୧୨. | ମୁଁ ଭଲ ପିଲା ହେବି!!! | ୨୦ |
| ୧୩. | ଆସ ପଢ଼ିବା – ସୁନାର ଭାରତ ଆମେ ଗଢ଼ିବା | ୨୧ |
| ୧୪. | ବୀର ପାଇକ | ୨୩ |
| ୧୫. | ପରୀପାଇଁ ଗୀତଟିଏ | ୨୬ |
| ୧୬. | କାହାକୁ କିଏ ସୁନ୍ଦର | ୨୭ |
| ୧୭. | ତୁଳସୀ | ୩୦ |
| ୧୮. | ନଢ଼ିଆ | ୩୧ |
| ୧୯. | 'ବାପା ଓ ମା' | ୩୨ |
| ୨୦. | ବେଲ | ୩୪ |
| ୨୧. | କଦମ୍ବ | ୩୫ |
| ୨୨. | ମା' ନୁହେଁ ନାରୀ | ୩୬ |
| ୨୩. | ସ୍ମୃତି – ତୁମେ ଅଭୁଲା ଅତୀତ | ୩୭ |
| ୨୪. | ସ୍ମୃତି ବିଜଡ଼ିତ ପାଇକ ଗଡ଼ | ୪୦ |
| ୨୫. | ଦୁଷ୍ଟ ପିଲାଙ୍କ ଭାଗବତ | ୪୧ |
| ୨୬. | ଆମ୍ବ | ୪୪ |
| ୨୭. | ଲେମ୍ବୁ | ୪୫ |
| ୨୮. | ଗଛପରି କିଏ ହେବରେ | ୪୬ |

# ଚଂପା

ଚଂପା ଫୁଲ ଦେଖ କି ମନୋହର
ସୁଗନ୍ଧ ଥିବାରୁ ପାଏ ଆଦର ।
ଛୋଟ ଛୋଟ ଫୁଲ ଫୁଟେ ଅନେକ,
ମାଳ କରି ତାକୁ ବିକନ୍ତି ଲୋକ ।
ଶିବଙ୍କ ମସ୍ତକେ ଦେଲେଟି ଚଂପା,
ବରତ ଦିଅନ୍ତି ନକରି ଶଙ୍କା ।
ରକ୍ତ ଚଂପା ଫୁଲ ରଙ୍ଗ ନାଲିଆ,
କାଠ ଚଂପା ଫୁଲ ଦିଶେ ବଢ଼ିଆ ।
ଭଅଁର ଛୁଏନି ଏହି ଫୁଲକୁ,
କଥା ରହିଅଛି କାଳ କାଳକୁ ।
ମନ୍ଦିର ବାଡ଼ରେ ଅଛି ଏ ବୃକ୍ଷ,
ଛୋଟ ଛୋଟ ଡ଼ାଳ ଅଛି ଅନେକ ।
ଠାକୁରଙ୍କ ସେବା କରିବା ପାଇଁ,
ଫୁଲ ଫୁଟେ ଗଛେ ନିରତି ତହିଁ ।
ଚଂପା ଗୋରୀ ଅଟେ ରୂପସୀ ନାରୀ,
ଉତ୍‌ଫୁଲ ହୁଏ ମନ ସବୁରୀ ।
କେତେ ଯେ ଆଦର ସମାଜେ ତା'ର,
ଭଅଁର ଉଡ଼ନ୍ତିପଛରେ ତା'ର ।

ଚଂପାନାଗ ରହେ ଗଛ ଉପରେ,
ଆଘାତ ପାଇଲେ ଚୋଟ ସେ ମାରେ ।
ଚଂପା ଫୁଲ ଦେଖ କେତେ ସୁନ୍ଦର,
ବିଶାଳ ସଂସାରେ ପାଏ ଆଦର ।
ଆମକୁ ଦିଏ ସେ ଉତ୍ତମ ବାର୍ତ୍ତା
କର୍ମକରି ହେବା ଜଗତଜିତା ।
ଫୁଲକୁ ଶୁଙ୍ଘିଲେ କମେ ଆୟୁଷ,
ଜୀବନେ ସତର୍କ ରୁହ ମଣିଷ ।
ଫୁଲପରି ଆମେ ହୋଇବା ସର୍ବେ,
ସମ୍ମାନର ସହ ବଂଚିବା ଭବେ ।
ଚଂପାଫୁଲ ଅଟେ ସବୁରି ପ୍ରିୟ,
ଫୁଲ ମଧ୍ୟେ ସିଏ ପାଏଟି ଶ୍ରେୟ ।
ଚଂପାର ଆଦର ସବୁ ଜାଗାରେ
ସେହି ଫୁଲପରି କିଏ ହେବରେ ।
ଶତ ଧନ୍ୟବାଦ ଚଂପା ଫୁଲକୁ,
ସତେଜ ସୁନ୍ଦର ରଖୁ ଆମକୁ ।

# ମୋ କବିତା ଲେଖା

କବି ମୁଁ ନୁହଁଇ ଲେଖେ କବିତା,
ସେଥିପାଇଁ ଘୂରିଯାଏ ମୋ ମଥା ।୧ ।
କ'ଣ ଲେଖିବି କାହାକୁ ନେଇ,
ସେଥିପାଇଁ ମୋର ଭାବନା ନାହିଁ ।୨ ।
ଆରମ୍ଭ କରିବି କେଉଁଠୁ ଆହା,
ଶେଷ ହେବ ପୁଣି ଜାଣିନି ତାହା ।୩ ।
ମନରେ ଆସିଲା ଭାବନା ଏକ,
ଲେଖିଦେବି ଅବା ଗୀତ ଅନେକ ।୪ ।
କାଳିଦାସ ପରି ହେବି ମୁଁ କବି,
ଶ୍ରେଷ୍ଠ କବି ମଧ୍ୟେ ନାଁ ରଖିବି ।୫ ।
ଧଇଲି କଲମ ଲେଖିବି ବୋଲି,
ଆସିଲାନି କିଛି ବହୁ ଭାବିଲି ।୬ ।
ରାଗରେ କଲମ କାମୁଡ଼ି ଦେଲି,
ଜିଭ ଛିଡ଼ିଥିଲା ପରେ ଜାଣିଲି ।୭ ।
ମନରେ ଅସିଲା ବିରାଟ ଧକ୍କା,
କାହାକୁ କହିବି ମନର କଥା ।୮ ।
ଜାଣିଲି ମନେ ମୋ ନାହିଁ ଭାବନା,
କରିପାରିଲିନି କିଛି କଳ୍ପନା ।୯ ।

କଳ୍ପନା ବିଳାସୀ ହେଲେ ଟି କବି,
ମନେ ଦେଖାଦେବ ଅନେକ ଛବି ।୧୦।
କଳ୍ପନା ନାହିଁ ମୋ, ସ୍ୱପ୍ନ ବି ନାହିଁ,
କିପରି ଲେଖିବି କବିତା ଭାଇ ।୧୧।
ରାଗ ଜରଜର ଦିନେ ମୁଁ ହେଲି,
କବିତା ଲେଖିବି ପୁଣି ଭାବିଲି ।୧୨।
କାଗଜ କଲମ ଧରିବସିଲି,
ଲେଖିବାକୁ ପୁରା ଉଦ୍ୟମ କଲି ।୧୩।
ମନକୁ ଆସିଲା ଅଦ୍ଭୁତ ଚିନ୍ତା,
ଫୁଲଟିଏ କଲି ମିଛି ମିଛିକା ।୧୪।
ଯେତେ ଚେଷ୍ଟାକଲି ଲେଖିବି ବୋଲି,
କିଛି ଆସିଲାନି କଷ୍ଟ ପାଇଲି ।୧୫।
ଭାବିଲି ବଣକୁ ଯିବି ପଳାଇ,
ଫୁଲ, ଫଳ କଥା ଲେଖିବି ତହିଁ ।୧୬।
ଚିଲିକା କୂଳରେ ରୂପ ବର୍ଣ୍ଣନ,
କରିବାକୁ ହେଲା ମନ ଉଚ୍ଛନ ।୧୭।
ଶବ୍ଦ ଯୋଡ଼ି ଦେଲେ ହୁଏ କବିତା,
ଭାବୁଥିଲି ମୁହିଁ ସଦା ଏ କଥା ।୧୮।
ଶବ୍ଦରେ ନଥିଲେ ଜୀବନ୍ତ ଚିତ୍ର,
କବିତା ହୋଇବ ନିଶ୍ଚେ କଦର୍ଥ ।୧୯।
ଭାବିଲି ଗୁରୁଙ୍କ ପାଖକୁ ଯିବି
କବିତା ଲିଖନ କଳା ବୁଝିବି ।୨୦।

କହିଲେ ଗୁରୁଜୀ ନଥିଲେ ଭାବ,
　　　　କବିତା ଲେଖିବା ନୁହେଁ ସମ୍ଭବ　　　　।୨୧।
ଭାବିଲି ଭାବକୁ ଡ଼ାକି ଆଣିବି
　　　　ଅତି ଶରଧାରେ ତାକୁ କହିବି　　　　।୨୨।
ଭାବସବୁ ମୋର ହେଲା ନିଶ୍ଚିନ,
　　　　କବିତା ଲେଖିବା ହୋଇଲା ସ୍ୱପ୍ନ　　　　।୨୩।
ଭାବିଲି ଲେଖିବି ପ୍ରେମ କବିତା,
　　　　ପ୍ରେମୀ ଯୁଗଳଙ୍କ ମରମ କଥା　　　　।୨୪।
ପ୍ରେମ କରିବାଟା ସହଜ କଥା,
　　　　ସେଥିରେ ବି ଅଛି ବିରହ ବ୍ୟଥା　　　　।୨୫।
ଆଜିକାଲି ପ୍ରେମ ନୁହେଁ ଶାସ୍ୱତ,
　　　　ପ୍ରେମିକ, ପ୍ରେମିକା କିଏ ବା ସତ　　　　।୨୬।
ପ୍ରତାରଣା କରେ ଜଣେ ଜଣକୁ
　　　　କହି ନୁହେଁ ଏହିକଥା କାହାକୁ　　　　।୨୭।
ଜଣାଣ ଲେଖିବି ବୋଲି ଭାବିଲି,
　　　　ଈଶ୍ୱରଙ୍କୁ ଟିକେ ପ୍ରଣାମ କଲି　　　　।୨୮।
ଭାବିଲି ହୋଇବ ଏବେ କବିତା,
　　　　ପଦ ଆସିଲାନି ମନ ମୋ ପିତା　　　　।୨୯।
କେଉଁ ଦେବୀ ଅବା କେଉଁ ଦେବତା,
　　　　କିପରି ଲେଖିବି ତାଙ୍କରି କଥା　　　　।୩୦।
ମତିଭ୍ରମ ହେଲା ମୋହରି ଏକା,
　　　　ଲେଖି ପାରିଲିନି କିଛି କବିତା　　　　।୩୧।

ସମାଜ ଚରିତ୍ର ଲେଖିବି ବୋଲି,
ମନମଧ୍ୟେ ପୁଣି ଚିନ୍ତା ମୁଁ କଲି ।୩୨ ।
କୁଛ ରାଜନୀତି, ନାରୀ ଧର୍ଷଣ,
ଭାଇଭାଇ କଳି ଦିଏ କଷଣ ।୩୩ ।
ଭ୍ରଷ୍ଟାଚାର ଆଜି ସଭିଙ୍କ ସାଥୀ,
ଭଦ୍ରଲୋକ ଆଉ ବେଶୀ ନାହାନ୍ତି ।୩୪ ।
ନାରୀ ଉଶୃଙ୍ଖଳ ସବୁ ଜାଗାରେ,
ଭ୍ରଷ୍ଟ ସମାଜଟା ତା'ରି ପଛରେ ।୩୫ ।
ଯୁଆଡ଼େ ଦେଖିଲି ନୀତି ବିଭାଟ,
ମନ ମଧ୍ୟେ ମୁହିଁ ପାଇଲି କଷ୍ଟ ।୩୬ ।
ଭାବିଲି କବିତା ଲେଖି କି ଲାଭ,
ଯଦି ବଦଳୁନି ନର ସ୍ୱଭାବ ।୩୭ ।
ସମାଜ ଯେଦିନ ସୁଧୁରି ଯିବ
ସେଦିନ କବିତା ଲେଖା ମୋ ହେବ ।୩୮ ।
ଧିକ୍କାରୀ ମନକୁ ଶାନ୍ତ୍ୱନା ଦେଲି
ଆର ବରଷକୁ ଲେଖିବି ବୋଲି ।୩୯ ।
କବିତା ଲେଖା ମୋ ନହେଲେ ନାହିଁ,
ସମାଜ ସୁଧୁରୁ ମନେ ଭାବଇ ।୪୦ ।

# ଗୋଲାପ

ଗୋଲାପ ଫୁଲଟି ସବୁଠୁ ଭଲ,
ଆଦରରେ କେତେ କରନ୍ତି ଗେଲ ।୧ ।
ଅତି ଶରଧାରେ ହାତେ ଧରନ୍ତି,
ପୁଣି ବକ୍ଷ ଦେଶେ ନେଇ ରଖନ୍ତି ।୨ ।
ସବୁ ଫୁଲ ମଧ୍ୟେ ଅଟୁ ତୁ ହୀରା
ତୋର ସମ କେହି ନୁହଁନ୍ତି ପରା ।୩।
ନାଲି, ନେଳି, ଧଳା, ବାଇଗଣିଆ,
ହଳଦୀ, ଗୋଲାପି, କଳାଗୁଣିଆ ।୪ ।
କେତେ ରଙ୍ଗ ରୂପେ ହେଉତୁ ସଜ,
ଦେଖିଦେଲେ ମନ ହୁଏ ସତେଜ ।୫ ।
ରଙ୍ଗ ମଖମଲ ସୁଗନ୍ଧେ ଭରା,
ପ୍ରେମୀ ଯୁଗଳଙ୍କ ପ୍ରେମ ପଶରା ।୬।
ତୋତେ ଦେଇଦେଲେ ଜଣେ ଜଣକୁ,
ପ୍ରେମ ହୋଇଗଲା ଏହି ଜନ୍ମକୁ ।୭।
ହାତେ ଧରିଥିଲେ ପ୍ରେମର ଭାଷା,
ମନ ମଧ୍ୟେ ଆସି ବାନ୍ଧଇ ବସା ।୮ ।
ସର୍ବଗୁଣ ଭଲ ଦେହ କଣ୍ଟକ,
ତଥାପି ଦେଖାଉ ଭାରି ଛଟକ ।୯ ।
ଭଲମନ୍ଦ ସବୁ ସଂସାର କଥା,
ସୁଖ ସାଥେ ଥାଏ ଯନ୍ତ୍ରଣା ବ୍ୟଥା ।୧୦।
ଗୋଲାପର ପ୍ରେମ ଅଟେ ନିଆରା,
ସଭିଙ୍କ ଆଖିରେ ସେ ଅପାଶୋରା ।୧୧ ।
ପାଖୁ ଦେଖିଦେଲେ ତାକୁ ଟିକିଏ,
ଦୁଃଖ ଗ୍ଲାନି ସବୁ ଦୂରେଇ ଯାଏ ।୧୨ ।
ତା' ପାଖରେ ଅଛି ଶାନ୍ତି ଅପାର,
ବାଜିଗଲେ କଣ୍ଟା ବୁହେ ରୁଧିର ।୧୩।
ଚା' ଚା' ନେହେରୁଙ୍କ ତୁ ପ୍ରିୟ ଫୁଲ,
ହାତେ ଧରି ସଦା କରନ୍ତି ଗେଲ ।।୧୪ ।

# ସହସ୍ର ପ୍ରଣାମ ତୁମ ଚରଣେ

କବି କୂଳଚନ୍ଦ୍ର, ହେ ଶଚିଦାନନ୍ଦ
ଲେଖିଲ ଅନେକ ମହତ କଥା,
କାଳଜୟୀ ତୁମେ ଅଦ୍ୱିତୀୟ ସ୍ରଷ୍ଟା।
ତୁମ ପାଇଁ ଆଜି
ଓଡ଼ିଆ ଭାଷାଟା ଇତିହାସ କୂଳେ ରଖିଛି ଛିଟା।
ତୁମେ ତ ବିନ୍ଧାଣୀ ସାହିତ୍ୟ ରଥି
ଓଡ଼ିଆ ଭାଷାକୁ କରି ସମୃଦ୍ଧି
ଧନ୍ୟ ତୁମ ଲେଖା ଲିଖନ ଶୈଳୀ
ଭାଷା ସଂସ୍କୃତିରେ ଦୀପାଳୀ ଜାଳି
ଓଡ଼ିଆ ଭାଷାର ରସ ମାଧୁର୍ଯ୍ୟ
ଛୋଟ ମୋର ଗାଁ, ବାଜିରାଉତ
'ପୂର୍ଣ୍ଣିମା', 'ପାଥେୟ' ଓ 'ଅଭିଯାନ'
ସ୍ରଷ୍ଟା ତୁମେ, ସୃଷ୍ଟି ତୁମ ଅନନ୍ୟ।
ଜ୍ଞାନପୀଠ ପୁରସ୍କାର ବିଜୟୀ ହେ ଶଚି ଭାଇ
ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଇ
ଜୀବନେ ପାଇଛ ବହୁ ସମ୍ମାନ,
ତୁମ ପାଇଁ ଆମ ଭାଷା ମହାନ
ଆଜି ଶତବର୍ଷ ଜନ୍ମ ଜୟନ୍ତୀ
ପାଳନରେ ଆମେ ଯାଇଛୁ ମାତି,
ଶାସ୍ତ୍ରୀୟ ଭାଷାର ମାନ୍ୟତା ଭାବେ
ଆମ ଭାଷା ପାଇଲାଣି ସ୍ୱିକୃତୀ
ଓଡ଼ିଆ ଭାଷାର ଏହି ପୂଣ୍ୟ ଲଗନେ,
ସହସ୍ର ପ୍ରଣାମ ତୁମ ଚରଣେ।

# ପଦ୍ମ

ପଦ୍ମ ତୁ ଅଟୁରେ ଜାତୀୟ ଫୁଲ,
ରୂପ ରଙ୍ଗ ତୋର ଅମୂଲ ମୂଲ ।୧।
ପଦ୍ମ ଢ଼ଳଢ଼ଳ ପାଣି ଭିତରେ,
ରହିବାକୁ ଚାହେଁ ସୂର୍ଯ୍ୟ ସାଥିରେ ।୨।
ସୂର୍ଯ୍ୟଙ୍କ ଗତିକୁ ନିରେଖି ଚାହୁଁ,
ଯେଣେ ସୂର୍ଯ୍ୟ ତେଣେ ଅନାଇ ଥାଉ ।୩।
ସୂର୍ଯ୍ୟତ ତୋହର ଅଟେ ପ୍ରେମିକ,
ରାତିରେ ପାଉତୁ ଦୁଃଖ ଅନେକ ।୪।
ତୋତେ ଦେଖିଦେଲେ ଲକ୍ଷ୍ମୀ ପାଖରେ,
ଦେବୀ ଆର୍ଶୀବାଦ କରନ୍ତି ତା'ରେ ।୫।
ବିଷ୍ଣୁଙ୍କ ଆୟୁଧ ଯେବେ ହୋଇଲୁ,
ସମସ୍ତଙ୍କ ଶ୍ରଦ୍ଧା ସେବେ ପାଇଲୁ ।।୬।
ପଙ୍କରୁ ଜନ୍ମିଲୁ ହେଲୁ ପଙ୍କଜ,
କମଳ, ନଳୀନ, ଉତ୍ପଳ ହେଜ ।୭।
ଶ୍ରଦ୍ଧାରେ ଡ଼ାକନ୍ତି କେତେ ନାମରେ,
ସଂଖ୍ୟା ଗଣନାରେ ଅଛୁ ଆଗରେ ।୮।
ଅପାତ୍ରରୁ ଜନ୍ମି ହେଲୁ ଆଦର୍ଶ,
ଗୁଣକର୍ମ ଧର୍ମେ ରଖିଲୁ ଯଶ ।୯।
ପୂତି ଗନ୍ଧମୟ ଜାଗାରୁ ଆସି,
ବଖାଣିଲୁ ନିଜ ଗାରିମା ହସି। ।୧୦।
କହିଲୁ ଆମକୁ ଆଦର୍ଶ କଥା,
କର୍ମ କରିଚାଲ ନବହି ବ୍ୟଥା ।୧୧।
ପଦ୍ମ ପାଖୁଡ଼ାରେ ଜଳ ଯେମିତି,
ସଂସାରରେ ଚଳ ତୁମେ ସେମିତି ।।୧୨।
ବିଷୟ, ବାସନା, ସେନେହ ପ୍ରୀତି,
ସବୁଥିବ କିନ୍ତୁ ନଥିବ କିଛି। ।୧୩।
ପର ଉପକାର କରିବା ପାଇଁ,
ମଣିଷ ଜୀବନ ପାଇଛେ ଭାଇ। ।୧୪।
ପଦ୍ମଯୋନୀ ବୋଲି ବ୍ରହ୍ମାକୁ କହି,
ପଦ୍ମାସନେ ବସି ସୃଷ୍ଟି ସୃଜଇ। ।୧୫।
ବିଷ୍ଣୁଙ୍କ ନାଭିରୁ ବାହାରି ତୁହି,
ତିନି ଦେବତାଙ୍କୁ ନେଲୁ କୋଳେଇ ।।୧୬।
ପଦ୍ମାଳୟା ପୁଣି ଲକ୍ଷ୍ମୀଙ୍କୁ କହି,
ପଦ୍ମ ପୁରସ୍କାର ଦେଶେ ମିଳଇ। ।୧୭।
ପଦ୍ମ ବିଭୂଷଣ, ପଦ୍ମଶ୍ରୀ ଜାଣ,
ଦେଶର ଗୌରବ ପଦ୍ମଭୂଷଣ। ।୧୮।
କମଳ ଲୋଚନ ପ୍ରଭୁ ଶ୍ରୀରାମ
ପଢ଼ି ଜାଣିଅଛୁ ପଦ୍ମପୁରାଣ। ।୧୯।
ପଦ୍ମ ପାଦ ଅଟେ ଗୁରୁ ପୟର,
ଯିଏ ଛୁଏଁ ଧନ୍ୟ ଜୀବନ ତା'ର ।।୨୦।
ପଦ୍ମ ଫୁଲ ପରି ଆଉ କେ ଅଛି,
ଦେଶ ଓ ଜାତିର ଟେକ ରଖିଛି। ।୨୧।

# କଦଳୀ

କଦଳୀ ଗଛଟି ଦେଖ ସୁନ୍ଦର,
ମୋହିନିଏ ମନ ସମସ୍ତଙ୍କର। ।୧।
ବଡ଼ ବଡ଼ ପତ୍ର ସବୁଜ ବର୍ଣ୍ଣ,
ଶାନ୍ତି ମିଳିଥାଏ ଖାଇଲେ ଅନ୍ନ। ।୨।
କଦଳୀର ମଂଜା ଭାରି ବଢ଼ିଆ,
ଅତି ଆଗ୍ରହରେ ଖାଏ ଓଡ଼ିଆ। ।୩।
ପାଚିଲା ବି ମିଳେ କଞ୍ଚା ବି ମିଳେ,
ଆଦର କରନ୍ତି ତାକୁ ସକଳେ। ।୪।
ଭଜା, ତରକାରୀ, ସନ୍ତୁଳା ହୁଏ,
କଞ୍ଚା କଦଳୀରେ ଏସବୁ ହୁଏ। ।୫।
ପକ୍ୱ ରମ୍ଭା ଲାଗେ ସୁଆଦ ଆହା,
କ୍ଲାନ୍ତି ମେଣ୍ଟିଯାଏ ଖାଇଲେ ତାହା।।୬।
ଚୂଡ଼ାକୁ କଦଳୀ କଲେ ସଂଯୋଗ,
ଅମୃତୃପ୍ତି ମିଳେ ଖାଇଲେ ଆଗ।।୭।
କଦଳୀ ଖାଇଲେ ମିଳଇ ଶକ୍ତି,
ଶୁଦ୍ଧି ଦେଲେ ପୁଣି ଛାଡ଼େ ଅରୁଚି।।୮।
କଦଳୀ ଚୋପାରେ ହୁଏ ଚଟଣୀ,
ଭଣ୍ଡାରେ ବି ହୁଏ ଥାଆନ୍ତୁ ଜାଣି।।୯।
ଜୀବନ କାଳରେ କାନ୍ଧିଏ ଫଳ,
ଦେଇଥାଏ ସିଏ ନଥାଏ ଡ଼ାଳ। ।୧୦।
ପଟୁକାରେ ହୁଏ ତୁଳସୀ ମାଳ,
ଡ଼ଙ୍ଗାକରି ପିଲେ ଖେଳନ୍ତି ଖେଳ।।୧୧।
କଦଳୀରେ ଲୌହସାର ପ୍ରଚୁର,
ଖାଇଲେ ମିଳଇ ଶକ୍ତି ଅପାର। ।୧୨।
ଶୁଭ କାର୍ଯ୍ୟେ ସଦା ଲୋଡାଏ ଗଛ
କାର୍ଯ୍ୟ ଶୁଭହୁଏ ନୁହେଁ ତ ମିଛ।।୧୩।
କଦଳୀ ଗଛଟି ପ୍ରିୟ ସବୁରି,
ସବୁ ଅଂଶ ଅଟେ ତା' ଦରକାରୀ।।୧୪।

# ଟଗର

ଟଗର ଫୁଲଟି କି ମନଲୋଭା,
ବଢ଼ାଇଥାଏ ସେ ବଗିଚା ଶୋଭା। ।୧।
ପାଂଚ ପାଖୁଡ଼ାର ଟଗର ଫୁଲ,
ଦେଖିଦେଲେ ମନହୁଏ ପ୍ରଫୁଲ୍ଲ। ।୨।
ଏ ଫୁଲ ମିଳଇ ସବୁ ଋତୁରେ,
ସମସ୍ତଙ୍କ ପ୍ରିୟ ଅଟେ ସତରେ। ।୩।
ଛୋଟଗଛ ଫୁଲ ଫୁଟେ ଅନେକ,
ଧଳାଫୁଲ ପୁଣି ନାହିଁ ମହକ। ।୪।
ଦେବଦେବୀଙ୍କର ପ୍ରିୟ ଏ ଫୁଲ,
ଆଉ କେହିନୁହେଁ ଏହାର ତୁଲ। ।୫।
'ଟଗର' ନାମରେ ବସିଲେ ମିତ,
ସମ୍ପର୍କଟା ଦୃଢ଼ ହୁଅଇ ସତ। ।୬।
ଅଙ୍ଗୀୟ ଜନନ ହେଲେ ଏ ବୃକ୍ଷ,
ବଂଶ ବିସ୍ତାରିତ କରେ ପ୍ରତ୍ୟକ୍ଷ। ।୭।
ଫଳନାହିଁ ଖାଲି ଫୁଲ ସମ୍ଭାର,
ଗଛ ଦିଶେ ଅବା କି ମନୋହର। ।୮।
ଟରାଟ, ଟଗର, ମଲ୍ଲୀ, କାଞ୍ଚନ,
ଯୁଇ, ଯାଇ, ହେନା, କେତକୀ ଧନ୍ୟ। ।୯।
ଏଫୁଲ ଫୁଟନ୍ତି ସକାଳେ ନିତି,
ଧଳାରଙ୍ଗ ପୁଣି ଆମ ସଂସ୍କୃତି। ।୧୦।
ସୁନ୍ଦର ପୃଥିବୀ ବିଚିତ୍ର ସୃଷ୍ଟି,
ମୁଣ୍ଡ ନଇଁଯାଏ ଏସବୁ ଦେଖି। ।୧୧।
ସ୍ରଷ୍ଟା ପାଇଁ ଏହି ସୃଷ୍ଟି ସୁନ୍ଦର,
ନାନାମତେ ଗଢ଼ିଛନ୍ତି ସଂସାର। ।୧୨।

# ପରିଶ୍ରମୀ ମଣିଷ

ପରିଶ୍ରମୀ ମଣିଷ,
ଜୀବନ ଯୁଦ୍ଧରେ କେବେ ହାରେନାହିଁ,
ଛୋଟ କାମଟିଏ ମଧ୍ୟ ତା'ପାଇଁ ମହାନ,
ଲହୁକୁ ଲୁହକରି,
ସେ ପାଏ ଅଫୁରନ୍ତ ଆତ୍ମସମ୍ମାନ।
ସ୍ୱପ୍ନ ରାଇଜରେ, ଘୂରି ବୁଲିବାରେ ନଥାଏ ମନ ତାର
ଶସ୍ୟ ଶ୍ୟାମଳା ସବୁଜ କ୍ଷେତଟି ତା'ଘର
ସେଇତ ତା'ର ସୁଖର ସଂସାର, ପୁଣି ଅଲୋଡ଼ା ପରିବାର।
ଆତ୍ମ ତୃପ୍ତିରେ ସେ ଗାଇଯାଏ,
ମନମାତୁଆଲା ଗୀତ,
ସମସ୍ତଙ୍କ ପ୍ରାଣରେ ସେ ଆଙ୍କିଦିଏ ଏକ ଦୁରନ୍ତ ସଂଗୀତ।
କରିଚାଲ, କରିଚାଲ - କର୍ମମୟ ଏ ଜୀବନ ନାଟକ,
ଲାଭ କ୍ଷତିର ହିସାବ ତା'ର ନାହିଁ
ଜୀବନ ଜୀବିକାରେ ତା' ସଂସାର ଗତିଶୀଳ,
ନିଆରା ମଣିଷ ପଣିଆଁର ସେ ମୂର୍ତ୍ତିମନ୍ତ ପ୍ରତୀକ।
ପରିଶ୍ରମ ତା'ର ଧର୍ମ,
ଆତ୍ମତୃପ୍ତି ପାଏ କଲାବେଳେ ନିଜକର୍ମ
ସେହି ପ୍ରକୃତରେ କର୍ମୀ,
ନିଜେ ଖଟି ଅନ୍ୟପାଇଁ ଆଣିଦିଏ
ଶାନ୍ତି, ମୈତ୍ରୀ ଆଉ ପ୍ରଗତିର ବହ୍ନି।
ପଥଶ୍ରାନ୍ତ ପଥିକ ସେ ଲୋଡ଼ାନାହିଁ ଆଉ ବିଶ୍ରାମ,
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହେଉ କି ନହେଉ ତା'ର ନାମ,
କିନ୍ତୁ ପ୍ରେରଣାର ଉତ୍ସ, ଆଦର୍ଶ ମଣିଷ,
ତାଙ୍କ ଜୀବନ ସଂଗ୍ରାମ କହୁଥିବ ଦେଶ ଇତିହାସ।

# ରଜ ଗୀତିକା

ପହିଲି ରଜକୁ ପାଳିବା ସଭିଏଁ,
ହୋଇ ନୂଆ ସଜବାଜ,
ମାଉସୀ, ପିଇସୀ, ମାଇଁ, ନାନୀ ଆସ
ସଙ୍ଗାତଙ୍କ ସହ ଭାଉଜ। ।୧।
ବଂଧୁ ମିଳନ ଏ 'ଆମରି ସତ୍ୟ'ର
ଲାଗୁଛି ନିଆରା ନିଆରା,
କାହିଁ କେତେକାଳୁ ଚାଲିଛି ଏ ପ୍ରଥା
ଧନ୍ୟ ଆମ ପରମ୍ପରା। ।୨।
ପହିଲି ରଜରେ ବରଷାର ଧାରେ,
ଗାଇବା ମଧୁର ଗୀତ,
ମୋ ଭାଇ ମୁଣ୍ଡରେ ସୁନା ମକୁଟକୁ
ପିନ୍ଧାଇ ଦେ' ମୋ ମିତ। ।୩।
ପାନ ଖାଇ ଖାଇ ଗୀତ ଗାଇ ଗାଇ,
ଭାବର ଆଦାନ ପ୍ରଦାନ,
କରି ନିଜନିଜ ମନ ମିଶାଇବା,
ଆମେସବୁ ପରିଜନ। ।୪।
ମାଆ ମାଟି ଏଇ ଡ଼ାକୁଛି ଆମକୁ,
କରିବା ତା' ଜୟଗାନ,
ସଂସ୍କୃତି ସମ୍ପୂର୍ଣ୍ଣ ଆମ ଏ ଓଡ଼ିଶା
ପର୍ବପର୍ବାଣୀରେ ପୂର୍ଣ୍ଣ। ।୫।
ସାଙ୍ଗସାଥି ମିଶି ଖାଇବାରେ ଆଜି
ପିଠା, ମିଠା ଆଉ କୋଳି,
ରଜ ପାନଖାଇ ଗୀତ ଗାଇ ଗାଇ
ଖେଳିବାରେ ଆମେ ଦୋଳି। ।୬।
ପାଦରେ ଅଳତା, କପାଳେ ଚନ୍ଦନ,
ପିନ୍ଧି ନୂଆ ନୂଆ ଶାଢ଼ୀ,
ଝିଅ, ବୋହୂ ଆମ ଦୋଳିରେ ଝୁଲନ୍ତି,
ମାନନ୍ତିନି ବର୍ଷାଝଡ଼ି। ।୭।
"ସଂସ୍କାର ଭାରତୀ" ପ୍ରାଙ୍ଗଣରେ ଆମେ,
ହୋଇ ଏକ ମନପ୍ରାଣ,
ସବୁ ବର୍ଷ ହେଉ ଏହି ଅୟୋଜନ,
ପୁଲକରେ ଭରୁ ମନ। ।୮।
ଜ୍ଞାନୀ, ଗୁଣୀ, ଭଦ୍ର ଅଛନ୍ତି ଏଠାରେ
ଏକକୁ ଆରେକ ବଳି,
ତାଙ୍କ ସାହାଚର୍ଯ୍ୟ ମିଳିଲେ ଜୀବନେ,
ବିପଦ ଯିବରେ ଟଳି। ।୯।
ଆମରି ସତ୍ୟର ସ୍ୱାଭିମାନ ଧାରା
ହେଉଅଛି ଦୃଶ୍ୟମାନ,
ବଂଚିଛି, ବଞ୍ଚିବ ଏ ସମାଜ ପାଇଁ,
ମହତ ତା ଅବଦାନ। ।୧୦।
ପରିଶେଷେ ସର୍ବେ ପ୍ରମୋଦ ସାରଙ୍କ
ନାମେ ଦିଅ ହରିବୋଲ,
ଶତାୟୁ ହୁଅନ୍ତୁ, ଈଶ୍ୱରଙ୍କ ପାଖେ,
ବିନତୀ କରିବା ଚାଲ। ।୧୧।

# ମନ୍ଦାର

ମନ୍ଦାର ଫୁଲକୁ ନିରେଖି ଦେଖ
ଭଲଗୁଣ ସବୁ ସେଇଠୁ ଶିଖ।
ପାଂଚ ପାଖୁଡ଼ାର ନାଲି ମନ୍ଦାର,
ତା' ଭିତରେ ଅଛି ଫୁଲ କେଶର।
ନାଲି ମନ୍ଦାରରେ ଶ୍ରଦ୍ଧା ସବୁରି,
ଦେବୀମାନଙ୍କର ପ୍ରିୟ ସେ ଭାରି।
ସିନ୍ଦୂର ମଣ୍ଡିତ ଦେବୀ ମସ୍ତକ,
ମନ୍ଦାର ମାଳରେ ଦିଶେ ଝଟକ।
ବାସନା ନଥାଉ ଦିଶେ ସୁନ୍ଦର
ଦେବୀ ଫୁଲ ବୋଲି ପାଏ ଆଦର।
ମଙ୍ଗଳା ଦେବୀର ମୁଣ୍ଡରେ ଫୁଲ,
ରଖିଦେଲେ ମା' ଲାଗନ୍ତି ଭଲ।
ଲାଲ ଟହଟହ ରକ୍ତ ମନ୍ଦାର,
ସବୁ ପୂଜା କର୍ମେ ସେ ଦରକାର।
ତନ୍ତ୍ର, ମନ୍ତ୍ର ଗୁଣି ଗାରେଡ଼ି ପାଇଁ,
ମନ୍ଦାରକୁ ଖୋଜା ପଡ଼ଇ ତହିଁ।
ମନ୍ଦାର ମଣ୍ଡିତ ଦେବୀ ତାରିଣୀ
ଆମ ପାଇଁ ସିଏ ବରଦାୟିନୀ।
ରକ୍ତ ଜବା ଅଟେ ଭାରି ସୁନ୍ଦର
ପ୍ରସନ୍ନତା ଆଣେ ମନେ ଆମର।
ନାଲି, ଧଳା, କଳା ଓ ହଳଦିଆ
ଛିଟନାଲି, ପେଚ୍ଛି ଦିଶେ ବଢ଼ିଆ।

ଛୋଟ ଗଛ ସିଏ ପତ୍ର ବି ଛୋଟ
ଫଳ ନାହିଁ ସତ ଫୁଲ ବିରାଟ।
ମନ୍ଦିର ମାଳିନୀ ଭୁବନେଶ୍ୱର
ମନ୍ଦାର ମାଳିନୀ ଦେବୀ ଆମର।
ମନ୍ଦାରର ଏକ ମାଳ କରିବ
ଦେବୀର ଗଳାରେ ଝୁଅଇ ଦେବ।
ମାଆ ନିଶ୍ଚେ ଭାଇ ହେବେ ପ୍ରସନ୍ନ
ସୁଖରେ ତୋହର କଟିବ ଦିନ।
ଦେବୀର କରୁଣା ଯିଏ ପାଇବ,
ଦୁଃଖ ଶୋକ ତାର ଦୂରେଇ ଯିବ।
ମନ୍ଦାର ଫୁଲଟି ଅଟେ ଉତ୍ତମ
ରୂପରଙ୍ଗ ତା'ର କି ଅନୁପମ
ଲାଲଟୀକା ପିନ୍ଧି ଘର ଘରଣୀ
ପରିବାର ମନ ନିଏ ସେ କିଣି
ଲାଲଝଣ୍ଡା ଧରି ସାମ୍ୟ ବାଦୀଏ
ସମାଜେ ସମତା ଖୋଜନ୍ତି ସିଏ।
ଲାଲ ରଙ୍ଗ ଅଟେ ବିପଦ ଚିହ୍ନ
ଉଦୟଅସ୍ତେ ସୂର୍ଯ୍ୟ ଲାଲବର୍ଣ୍ଣ।
ରେଡ଼କ୍ରସ ଗାଡ଼ି ନାଲି ଦେଖିବ,
ଆଗତୁରା ତାକୁ ବାଟ ଛାଡ଼ିବ
ବାବାଜି ପିନ୍ଧନ୍ତି ଗେରୁଆପାଟ
ସମାଜକୁ ସେ ଦେଖାନ୍ତି ବାଟ।

# "ମା"

ମା'ଟି ମୋର ଅତି ନିଜର
ମା' ପରି କିଏ ହେବରେ
ବିପଦେ ଆପଦେ ଛାଇ ପରି ରହି
ଶୁଭ ସେ ମନାସୁ ଥିବରେ ।।୧।।
ରୋଗ ବୈରାଗ ହୋଇଥିବ ଯେବେ
ପାଖ ନ ଛାଡ଼ିବ କେବେ
ଧନଟି ମୋହର ଓଷଧ ଖାଇଦେ
ଭଲ ହୋଇଯିବୁ ଏବଏ ।।୨।।
କହି କହି ମୁଣ୍ଡ ଆଉଁସି ଆଉଁସି
କରେ ସେ କେତେ ଯେ ଯାଚଙ୍ଗା
ପିଲା ଭଲ ହେଲେ ତୋ ପୂଜା ରଖିବି
ଦେବୀ ପାଖେ କରେ ପ୍ରତିଜ୍ଞା ।।୩।।
ଖାଇ ନଥିଲେ ମୁଁ, ଖାଏନା ସେ କେବେ
ଅନେଇ ଥିବ ମୋ ବାଟକୁ
ଆସି ପହଞ୍ଚିଲେ ଖାଇବାକୁ ଦେଇ
ଶୁଣୁଥିବ ମୋର କଥାକୁ ।।୪।।

ଗେଲକରି ମୋତେ ଶୁଆଇ ସେ ଦେବ
ଖୋଲି ତା'ର କଥା ମୁଣିକୁ
ଶୋଇଗଲେ ମୁହିଁ ସାରେ ଘରକାମ
ଯଞ୍ଜାଳ ନରଖେ କାଲିକୁ ।।୫।।
ପାଠ ପଢ଼ିଗଲେ କହିବ ବାବୁରେ
ମନ ଲାଗି ପାଠ ପଢ଼ିବୁ
ଦେଶ ଦୁନିଆର କଥା ତୁ ଜାଣିଲେ
ଜଗତଜିତା ତୁ ହୋଇବୁ ।।୬।।
ମୋ ପାଇଁ ତା'ର କେତେ ଯେ ସରାଗ
କେ ପାରିବ ଅବା କହି
ମା' ଯାର ନାହିଁ ସାହା ତା'ର କାହିଁ
ମହତେ ଅଛନ୍ତି କହି ।।୭।।

ମୋ ଖୁସିରେ ଖୁସି ମୋ ଦୁଃଖରେ ଦୁଃଖି
ସେହି ଅଟେ ଏକା ମା'
ତା' ଋଣ କେବେ କେହି ବି ସୁଜିଛି
ଧନ୍ୟ ସେହି ଏକା ଆହା ||୮||
ମା'ର ହୃଦୟ ଅତୀବ ନିର୍ମଳ
ନିଜର ସନ୍ତାନ ପାଇଁ
ଯେତେ ବଡ଼ ହେଲେ ବକଟେ ଛୁଆ ସେ
ମା'ର ପଣତ ପାଇଁ ||୯||
ମା' ତୁଣ୍ଡ ଗାଳି ଅଟେ ଦାଣ୍ଡ ଧୂଳି
ଏକଥା ମନରେ ଧରନା
ତା' ମନରେ ଦୁଃଖ ଦେବା ପାଇଁ ଭାଇ
ଜୀବନରେ କେବେ ଭାବନା ||୧୦||

ସ୍ନେହର ପ୍ରେମର ଅଟେ ସେ ପ୍ରତୀକ
ତା'ପରି କିଏ ହବରେ
ସନ୍ତାନ ତା'ପାଖେ ଅଟେ ଶ୍ରେଷ୍ଠତମ
ଆଉ ସବୁକଥା ତୁଚ୍ଛରେ ||୧୧||
ମହନୀୟା ସେହି ସନ୍ତାନ କଲ୍ୟାଣୀ
ସହନଶୀଳାସେ ଅଶେଷ
ଜନ୍ମଜନ୍ମାନ୍ତର ତା' ପାଦ ସେବିଲେ
ଋଣ ସୁଜିବନି ଅବଶ୍ୟ ||୧୨||
ମା' ହସିଲେ ଆମେ ହସିବା
ଆମେ ହସିଲେ ଆହା,
ଦୁନିଆ ସାରା ହସି ଉଠିବ
ମା' ଆମର ସାହା ||୧୩||
ମା'ଟି ମୋର ଅତି ନିଜର
ମା' ପରି କିଏ ହବରେ
ସୁଖରେ ଦୁଃଖରେ ଥିବା ତା' ସାଥିରେ
ଏଇକଥା ମନେ ଭାବରେ ||୧୪||

# ମୁଁ ଭଲ ପିଲା ହେବି ! ! !

ମୁଁ ଭଲ ପିଲା ହେବି ! ! !
ସକାଳୁ ଉଠି ମୁହଁ ଧୋଇବି
ଆଉ ସବୁ ନିତ୍ୟକ୍ରମ ସାରିବି
ନଅଟା ବେଳେ ସ୍ନାନ ସାରିବି
ହାତ ଧୋଇକି ଖାଇ ବସିବି ।୧।
ବହି ବସ୍ତାନି କାନ୍ଧରେ ଧରି ସ୍କୁଲ ଯିବି
ଗୁରୁଜୀଙ୍କ କଥା ସବୁ ଶୁଣିବି
ମନ ଲଗାଇ ପାଠ ପଢ଼ିବି
ସାଥି ମେଳରେ ହସି ଖେଳିବି ।୨।
ଆଜିର କାମ ଆଜି ସାରିବି
ବଡ଼ମାନଙ୍କୁ ସମ୍ମାନ ଦେବି
ସାନମାନଙ୍କୁ ସ୍ନେହ କରିବି
କା ମନରେ ଦୁଃଖ ନଦେବି ।୩।
ସଭିଏଁ ମୋର ଆପଣା ବୋଲି କହି ବୁଲିବି
ପରିବେଶକୁ ସଫା ରଖିବି
ଗୁରୁଜନଙ୍କ କଥା ମାନିବି
ଗଛ ଲଗାଅ ଦେଶ ବଞ୍ଚାଅ ।୪।

ସମସ୍ତଙ୍କୁ ଏହିକଥା କହିବି
ଚାରିଟାବେଳେ ଘରକୁ ଆସି
ସାଥି ମେଳରେ ଟିକେ ଖେଳିବି
ସଂଜ ହୋଇଲେ
ଠାକୁର ଘରେ ମୁଣ୍ଡିଆ ମାରି ।୫।
ପାଠ ସବୁକୁ ପଢ଼ି ବସିବି
ଆଠଟା ହେଲେ ପାଠ ସାରିବି
ବୋଉ ହାତରନ୍ଧା ଭାତ ଖାଇବି
କିଛି ସମୟ ଟି.ଭି ଦେଖିବି ।୬।
ବୋଉ କୋଳରେ ଶୋଇପଡିବି
ବଡ ହେବାପାଇଁ ସ୍ୱପ୍ନ ଦେଖିବି
ସେଇ ଅନୁଯାୟୀ ପାଠ ପଢ଼ିବି
ଈଶ୍ୱରଙ୍କ ପାଖେ ଭରଷା ରଖି ।୭।
ଆଗକୁ ମାଡ଼ି ଚାଲିବି
ଜୀବନରେ ଅଳସୁଆ ହେବିନି
ସତ୍ୟ, ଧର୍ମ, ନ୍ୟାୟ ପଥରେ ଯିବି
ଦରଦି ମଣିଷ ଯଦି ଦେଖିବି
ତା'ର ସେବା ଯତ୍ନ ନକ୍ଳେ କରିବି ।୮।

# ଆସ ପଢ଼ିବା - ସୁନାର ଭାରତ ଆମେ ଗଢ଼ିବା

ଆମେରେ ସବୁ ଭାଇଭଉଣୀ
ସଭିଏଁ ଛୋଟପିଲା,
ଆମରି ପାଇଁ କେତେ ଆଇନି
ହେଲାଣି ଭାଇ ଭଲା ।୧।
ଦେଶ ଆମର ଭାରତ ବର୍ଷ
ଗୋଟିଏ ମାଳ ପରି
ସାଂପ୍ରଦାୟିକ ନାମରେ ଆମେ
ହେବାନି ହତଶିରୀ ।୨।
ହାତକୁ ହାତ ମିଳାଇ ଭାଇ
ଚାଲିବା ଆମେ ବାଟ
ଦେଶର ଆମେ ନାମ ରଖିବା
ହୋଇଣ ଭଲ ଚାଟ ।୩।
ଗାନ୍ଧୀ ମହାତ୍ମା ଜାତିର ପିତା
ଆମେ ତାଙ୍କର ଚେଲା
ଅହିଂସା ଆମ ପରମ ଧର୍ମ
କହି ବୁଲରେ ପିଲା ।୪।

ପରିବେଶକୁ ରଖିବା ସଫା
ଗଛ କାଟିବା ନାହିଁ
ଗୁରୁଜନଙ୍କୁ ସମ୍ମାନ ଦେବା
ମିଛ କହିବା ନାହିଁ ।୫।
ସରବ ଶିକ୍ଷା ଦେଉଛି ମନ୍ତ୍ର
କହୁଛି ଭଲକଥା
ସାକ୍ଷରି ହେବ ଆମରି ଦେଶ
ମନରୁ ଯିବ ବ୍ୟଥା ।୬।
ଛ'ରୁ ଭାଇ ଚଉଦବର୍ଷ
ଯେତେ ଅଛନ୍ତି ପିଲା,
ରହିବେ ନାହିଁ କେହି ମୂରୁଖ
ସ୍କୁଲ ଯିବେ ଭଲା ।୭।
ଭୟରୁ ମୁକ୍ତ, ଦେୟରୁ ମୁକ୍ତ
ହୋଇଲା ଆମ ଶିକ୍ଷା,
ଫେଲ ପ୍ରଥା ରହିଲା ନାହିଁ
ଜୀବନ ହେଲା ରକ୍ଷା ।୮।

ଶିକ୍ଷା ଅଧିକାର ଆଇନି ଯୋଗୁଁ
ଆମେରେ ପିଲା ସବୁ
ରାହା ପାଇଲୁ, ସାହା ପାଇଲୁ
ଜଗତ ଜିତା ହେବୁ ।୯।

ନିଜଗାଁରେ ପାଠ ପଢିବୁ
ଯିବୁନି ଦୂରବାଟ
ମନ୍ତ୍ରୀ ହେବୁ ଯନ୍ତ୍ରୀ ହେବୁ
ପଢ଼ିକି ଭଲ ପାଠ ।୧୦।

ଭାତ, ଡାଲମା ମାଗଣା ମିଳେ
ମିଳୁଛି ପୁଣି ଅଣ୍ଡା
ରାଇଜ ଯାକ ଉଡ଼ି ବୁଲୁଛି
ସରବଶିକ୍ଷା ଝଣ୍ଡା ।୧୧।

ପୋଷାକ ମିଳେ, ବହି ବି ମିଳେ,
ମିଳଇ ପ୍ରୋତ୍ସାହନ
ପାଠ ପଢ଼ିବା ନ କରି ହେଳା
ନେବା ନିଜର ଯତ୍ନ ।୧୨।

ଭଲ ମଣିଷ ହୋଇବୁ ଆମେ
ସଭିଙ୍କୁ ହେବୁ ସାହା
ଆମରି ଦେଶ ଆମେ ଗଢ଼ିବୁ
ଭାରତ ଆମର ମା' ।୯।

ଦୁଃଖି ଲୋକଙ୍କ ସେବା କରିବା
ସାହା ତାଙ୍କର ହେବା,
ବଡ଼ ମଣିଷ ହୋଇବା ଆମେ
କରିଣ ଦେଶ ସେବା ।୧୪।

ଗୁରୁ, ଗୁରୁମା ପାଠ ପଢ଼ାରେ
ହୋଇବେ ଆମ ସାଥି
ମାଡ଼ ନଥିବ ଆଦର ଥିବ
ପଢୁଆ ହସି ହସି ।୧୫।

# ବୀର ପାଇକ

ଉତ୍କଳ ରାଇଜେ ଥିଲା ଏକ ଦେଶ
ନାମତା' ଖୋରଧାଗଡ,
ଦୁର୍ଦ୍ଧଷ ପାଇକ ଥିଲେ ଏହିଠାରେ
ନାମ ଥିଲା ତାଙ୍କ ବଡ।
ଚଂପତି, ରାଉତ, ଝୁଝାରସିଂହ
ଜେନା, ଜେନାମଣି, କହଲସିଂହ
ପଶ୍ଚିମ କବାଟ, ଦକ୍ଷିଣ କବାଟ, ଉତ୍ତର କବାଟ
ତିନିଦିଗ ପଟୁ ଜଗିଥିଲେ ସିଏ ଶତ୍ରୁବାଟ।
ରାୟ, ପାଟଶାଣୀ, ବୈରିଗଞ୍ଜନ
ଅରି ଦେଖି କରୁଥିଲେ ଗର୍ଜନ।
ଭାରିମଲ୍ଲ, ମହାରଥୀ, ପ୍ରଧାନ
ତାଙ୍କ ସଙ୍ଗେ କିଏ ହେବ ସମାନ।
ରାଉତରା, ଅରିଶାଲ ଓ ଜଗଦେବ
ପାଇକଙ୍କ ପରି କିଏ ସେ ହେବ।
ମାନସିଂହ, ମର୍ଦ୍ଦରାଜ ଓ ପାଇକରାୟ
ଖଣ୍ଡାୟତ ବୀର ଥିଲେ ଅପରାଜେୟ।
ବଳିଆରସିଂହ, ବଳବନ୍ତରାୟ, ସିଂହ, ନାୟକ
ଅଦ୍ୱିତୀୟ ବୀର ଥିଲେ ପାଇକ।
ରାୟ, ଚୂଡ଼ାମଣି, ବୈରିଗଞ୍ଜନ
ବାହୁବଳେନ୍ଦ୍ରଙ୍କ ସହ ହରିଚନ୍ଦନ
କୋଦଣ୍ଡ ରାୟଙ୍କ ସାଥେ ଗୁମାନସିଂହ
ସାମନ୍ତରା ସାଥି ପାତଳାସିଂହ
ଉଦୟସିଂହକୁ ପାହାଡ଼ସିଂହ

ଭଲ ଖେଳୁଥିଲେ ଛୁଆଳସିଂହ
ନରେନ୍ଦ୍ର, ଗଜେନ୍ଦ୍ର, ପାଲଟାସିଂହ
ଝପଟସିଂହଙ୍କୁ କୋଦାମସିଂହ ।
ବାଘ ସଙ୍ଗେ ଲଢ଼ି ବାଘସିଂହ ହେଲେ,
ପାଇକ ଜାତିକୁ ସେ ଧନ୍ୟ କଲେ ।
ଶତୃଶଲ୍ୟ, ରଣସିଂହ ମଙ୍ଗରାଜ ବିଶେଷ
ନାମରେ ମହତ୍ତ୍ୱ ଥିଲା ଅଶେଷ ।
ସିଂହସାମନ୍ତଙ୍କୁ ଶିରିଚନ୍ଦନ
ବୀର ପାଇକ ସେ ଧନ୍ୟ ଜୀବନ ।
ବଡ ସାହାସୀ ସେ ବୀର ଛୋଟରାୟ,
ଝପଟି ଧରନ୍ତି ଚଂପତିରାୟ,
ନାମ ଶୁଣିଦେଲେ ହୃତକଂପ ହୁଏ
ଶତ୍ରୁ ଶିବିରେ ଯାହା
ଅଦୃଷ୍ଟରେ ପୁଣି ସାହା ହେଉଥିଲେ
ବରୁଣେଇ ଆମ ମାଆ ।
ଭୟଭୀତ ତାଙ୍କ ନଥିଲା କାହାକୁ
ମୃତ୍ୟୁକୁ ନଥିଲା ଡ଼ର,
ମା’ ମାଟି ଥିଲା ସର୍ବସ୍ୱ ତାଙ୍କର
ଇତିହାସ ସାକ୍ଷୀ ତାର ।
ମୁଣ୍ଡରେ ପଗଡି ହାତରେ ଅସୀ
ଆର ହାତେ ପୁଣି ଢ଼ାଲ,
ଛାତିକୁ ଫୁଲାଇ, ଭୂମି ଦୁଲୁକାଇ
ନିଶକୁ ମୋଡ଼ଇ ଭଲ ।
ଇଂରେଜ ଶାସନ ମାଡ଼ି ବସିଥିଲା
ଭାରତ ବର୍ଷକୁ ଯେବେ,

ଏକା ଏ ପାଇକ ଦୁର୍ଦ୍ଦଶ ଜାତି
ମୁଣ୍ଡ ନୋଇଁ ନାହିଁ କେବେ।
ଜୟୀ ରାଜଗୁରୁ, ବକ୍ସି ଜଗବଂଧୁ
ଥିଲେ ତାଙ୍କ କର୍ଣ୍ଣଧାର,
ତାଙ୍କରି ନେତୃତ୍ୱେ ଲଢୁଥିଲେ ସିଏ
ଉଚ୍ଚେ ରଖୁଥିଲେ ଶୀର।
ନିଷ୍ପତ୍ତି ତାଙ୍କର ଦେବୁ ପଛେ ଶୀର
ଦେବୁନାହିଁ ଜାତି ସାର
୧୮୧୭ ପାଇକ ବିଦ୍ରୋହ
ସାକ୍ଷୀ ଅଛି ଭାଇ ତା'ର।
୪୦ ବରଷ ପରେ ପୁଣି ଦେଶେ
ହୋଇଲା ସିପାହୀ ବିଦ୍ରୋହ,
ପାଇକ ବିଦ୍ରୋହ ପ୍ରଥମ ସଂଗ୍ରାମ
ଜାତିସ୍ମର ବୋଲି କୁହ।
ବରୁଣେଇ ଗଡ଼ ଖୋଜୁଛି ତୁମକୁ
ଖୋଜୁଛି ଓଡ଼ିଆ ମାଟି,
ତୁମପାଇଁ ଆଜି ଆମେ ପୁଲକିତ
ଧନ୍ୟ ଏ ପାଇକ ଜାତି।
ଦୁଇଶହ ବର୍ଷ ଅତିକ୍ରାନ୍ତ ପରେ,
ଆମେ ଆଜି ଏକଜୁଟ।
ହେ ! ପାଇକ ବୀର ଶ୍ରେଷ୍ଠ
ବନ୍ଦନା କରୁଛୁ, ସ୍ମୃତି ସାଉଣ୍ଟୁଛୁ
ସାକ୍ଷୀ ରହୁ ଏହି ପୀଠ।

– ଜୟ ଖୋରଧା –

– ବନ୍ଦେ ଉତ୍କଳ ଜନନୀ –

# ପରୀପାଇଁ ଗୀତଟିଏ

ରାଇଜରେ ଯେତେ ଅଛନ୍ତି ଝିଅ,
ହୀରା, ନୀଳା, ମୋତି, ମାଣିକତୁଲ,
ସ୍ୱର୍ଗ ରାଇଜର ପରୀ ସେମାନେ,
ରୂପରେ, ଗୁଣରେ ଅଟନ୍ତି ଭଲ ।୧।
ଶିଶୁକନ୍ୟା ଯଦି ଅଛି ଆମର,
ମନ ଊଣା କେବେ କରନା କେହି,
ହସି, ଖେଳି ତାଙ୍କୁ ପାଳିବା ଯଦି,
ଆମ ମହତକୁ ରଖିବ ସେହି ।୨।
ଜନ୍ମରୁ ଚଉଦ ବର୍ଷର ଝିଅ
ପରୀ ବୋଲି ଆମେ କହିବା ତାକୁ,
ସରଳ ହୃଦୟ, ନିଷ୍ପାପ କଥା,
ଖୁସି ବାଣ୍ଟୁଥାଏ ଆମ ସଭିଙ୍କୁ ।୩।
ଶିଶୁକନ୍ୟା ଆଜି ପାଉଛି ଦୁଃଖ,
ନର ରାକ୍ଷସର ପିଶାଚ ପଣ,
ଦୁଷ୍କର୍ମ କରାଏ ହୋଇ ପାଗଳ
ଯା'କୁ ପୁରୁଷତ୍ୱ କହିବା କ'ଣ ? ।୪।
ପରି ରଥ ଆଜି ବୁଲି ରାଜ୍ୟରେ
ସଚେତନ ବାର୍ତ୍ତା ଦିଏ ସଭିଙ୍କୁ
ବ୍ୟଭିଚାର ଆଉ ଦିଅନା ତାକୁ
ସ୍ନେହ ଦେଇ ଭଲପାଅ ତାହାଙ୍କୁ ।୫।
ଝିଅଟିଏ ହୁଏ ଜାୟା, ଭଗିନୀ
ମା' ପୁଣି ସିଏ ହେବ କାହାର,
ଅବଳା, ଦୁର୍ବଳା ନୁହଁନ୍ତି ସିଏ,
ସବୁଥିରେ ଅଧାଭାଗ ତାଙ୍କର ।୬।
ବଗିଚାର ସିଏ ସୁନ୍ଦର କଢ଼ି,
ଯତ୍ନ ନେବା ଆମେ ସଭିଏଁ ମିଶି,
ସୁବିଧା, ସୁଯୋଗ ଦେଲେ ତାହାକୁ
କୂଳର ମର୍ଯ୍ୟାଦା ରଖିବ ବେଶୀ। ।୭।
ପରୀଟିଏ ଯଦି ଭାବିବା ତାଙ୍କୁ
ବଡ଼ ହୋଇ ଦିନେ ରଖିବ ମାନ,
ପୁଅ, ଝିଅ ଠାରେ ରଖନା ଭେଦ,
ଦେଖିବ ବଢ଼ିବ ଦେଶ ସମ୍ମାନ। ।୮।
ଝିଅଟିଏ ଯଦି ନାହିଁ ନିଜର,
ଅଧୁରା ରହିବ ଜୀବନ ବୃତ୍ତି,
ପରୀଟିଏ ଯଦି ଅଛି ଆମର,
ସୁରଭିତ କର ତା'ର ପ୍ରଗତି। ।୯।

# କାହାକୁ କିଏ ସୁନ୍ଦର

ମୁଣ୍ଡକୁ ସୁନ୍ଦର ଦିଶେ
ଥିଲେ ଗୋଛାଏ ବାଳ,
ସୁନ୍ଦର ଦିଶଇ ଗଛ
ଥିଲେ ଫୁଲ, ଫଳ।
ବଚନ ମଧୁର ହୁଏ
ଥିଲେ ହାସ୍ୟରୋଳ
ପରିବେଶଟି ସୁନ୍ଦର ହୁଏ
ନଥିଲେ କୋଳାହଳ।
ମାଟି ମା'ଟି ସୁନ୍ଦର ଦିଶେ
ଆକାଶୁ ପାଇଜଳ,
ଗୀତଟି ଭାରି ସୁନ୍ଦର ଲାଗେ
ଥିଲେଟି ତାଳମେଳ।
ଜମି ସରସ ହୁଏ
ହେଉଥିଲେ ନିତି ହଳ,
ସରୀସୃପଟି ଖୁସି ହୁଏ
ଦେଖିଲେ ଏକ ବିଳ।
ବଳଦ ବାପୁଡ଼ା ଖୁସି ହୁଏ
ମିଳିଗଲେ ତାକୁ ପାଳ,
କଅଁଳା ଶିଶୁ ଖୁସିହୁଏ
ଶୋଇଥିଲେ ମା' କୋଳ।
ଛୋଟ ପିଲାଏ ଖୁସି ହୁଅନ୍ତି
ଦେଖିଲେ ସାଙ୍ଗ ମେଳ,

ନାରୀର ମନ ଖୁସି ହୁଏ,
ପିନ୍ଧିଥିଲେ ହାରମାଳ।
ମନ୍ଦିର ସୁନ୍ଦର ଦିଶେ
ଥିଲେ ତାହାର ଚୂଳ,
ମାଛ ବଢ଼ିଆ ଲାଗେ
ଥିଲେ ଟିକିଏ ଝୋଳ।
ଠାକୁର ମନଖୁସି
ବେକରେ ଥିଲେ ମାଳ,
ଜୀବର ମୃତ୍ୟୁ ଜାଣି
ଖୁସି ଅଦୃଷ୍ଟ କାଳ।
ଦୁଷ୍ଟକୁ ସୁନ୍ଦର ଦିଶେ
ଥିଲେ ବପୁରେ ବଳ,
ପଣ୍ଡିତ ଖୁସିଥାଏ
ଜଣାଥିଲେ କଉଶଳ।
ପାହାଡ଼ ସୁନ୍ଦର ଦିଶେ
ବହୁଥିଲେ ନଈନାଳ,
ଆଖି ସୁନ୍ଦର ଦିଶେ
ଲାଗିଥିଲେ କଜ୍ଜ୍ୱଳ।
ପୁରୁଷ ସୁନ୍ଦର ଲାଗେ
ମନଥିଲେ ନିର୍ମଳ,
ମା' ମନଟି ଖୁସିହୁଏ
ପିଲାହେଲେ ସବଳ।
ବାପାଙ୍କ ମନ ଖୁସି ହୁଏ
ପ ଢ଼ିଲେ ପାଠ ଭଲ,

ପାକୁଆ ଆଁର ମନଖୁସି
ନାତିକୁ କରି ଗେଲ ।
ନାଟୁଆ ମନ ଖୁସିହୁଏ
ଦେଖିଲେ ନାଟଦଳ,
କ୍ଷମତାଲୋଭୀ ଖୁସିହୁଏ
କରି ଦଳବଦଳ ।
ନେତା ହୁଅନ୍ତି ଖୁସି
ଥିଲେ ଟାଣୁଆ ଦଳ,
କୃଷକ ଭାଇ ଖୁସି ହୁଏ
ସରିଗଲେ ହଳପାଳ ।
ଓଡ଼ିଆ ମନ ଖୁସିହୁଏ
ଦେଖିଲେ ବାସି ପଖାଳ,
ପୃଥିବୀ ବାସୀଙ୍କ ମନଖୁସି
ହୋଇଗଲେଟି ସକାଳ ।
ଝରଣା ମନ ଖୁସିଥାଏ ।
ହେଉଥିଲେ କଳକଳ,
ମୋ ମନଟି ଖୁସି ହୁଏ
ଖାଇଲେ କନ୍ଦମୂଳ ।

# ତୁଳସୀ

ତୁଳସୀ ଗଛଟି ଛୋଟିଆ ସିନା,
ଗଛଙ୍କ ମଧ୍ୟରେ ଅଟେ ସେ ସୁନା ।
ଛୋଟ ଛୋଟ ପତ୍ର ଭାରି ମହକ,
ହିନ୍ଦୁଙ୍କ ପାଇଁ ତା' ରହିଛି ଟେକ ।
କ୍ଷୁଦ୍ର ବୃକ୍ଷଟିଏ ନାହିଁ ତା' ଫଳ,
ହିନ୍ଦୁଏ ପୂଜନ୍ତି ଢ଼ାଳିକି ଜଳ ।
ଚଉରା ଉପରେ ଥାଏ ସେ ବୃକ୍ଷ,
ବାଡ଼ି ବଗିଚାରେ ଅଛି ଅବଶ୍ୟ ।
ବିଷ୍ଣୁଙ୍କ ସାନିଧ୍ୟ ପାଏ ତୁଳସୀ,
ହିନ୍ଦୁମାନେ ତେଣୁ ପୁଜନ୍ତି ବେଶୀ ।
ତୁଳସୀର ରସ ମହୁ ସହିତ,
ଖାଇଥିଲେ ଜର ଛାଡ଼େ ତ୍ୱରିତ ।
ତୁଳସୀର ମାଳା କରି ବୈଷ୍ଣବ,
ବିଷ୍ଣୁ ନାମ ଜପ କରେ ମାନବ ।

ସଧବା ମହିଳା ସଂଜ ସକାଳେ,
ସଳିତା ଜାଳନ୍ତି ତୁଳସୀ ମୂଳେ ।
ଜଳଦାନ କରି ମାଗନ୍ତି ବର,
ସର୍ବକାର୍ଯ୍ୟ ଶୁଭ ହେଉ ମୋହର ।
ଔଷଧିୟ ଗୁଣେ ଭରାଏ ଗଛ
ଡ଼ାଳ, ପତ୍ର, ମୂଳ ନିହଁନ୍ତି ତୁଚ୍ଛ ।
ବିଷ୍ଣୁ ଅଂଶ କାର୍ଯ୍ୟେ ତୁଳସୀ ଲୋଡ଼ା,
ତୁଳସୀରେ ଲାଗି ହୁଏ ଅବଢ଼ା ।
ଶଙ୍ଖାକୁ ବାନ୍ଧିଲେ ତୁଳସୀ ଡ଼ାଳେ,
ମନୋବାଞ୍ଛା ପୂର୍ଣ୍ଣ ହୁଏ ସେବେଳେ ।
ହିନ୍ଦୁଙ୍କର ତେଣୁ ତୁଳସୀ ପ୍ରିୟ,
ସବୁବେଳେ ସିଏ ପାଏଟି ଶ୍ରେୟ ।

# ନଡ଼ିଆ

ନଡ଼ିଆ ଗଛକୁ ନିରେଖି ଦେଖ,
ହିନ୍ଦୁ ସଂସ୍କୃତିର ରଖିଛି ଟେକ।
ଆକାଶ ଆଡ଼କୁ ଲମ୍ବିଛି ସତ,
ଶ୍ରୀଫଳ ନାମରେ ଫଳ ତା' ଖ୍ୟାତ।
ଲୁଣି ଜଳବାୟୁ ପାଇଲେ ସିଏ
ଅଯାଚିତରା ଫଳ ସେ ଦିଏ
ନଡ଼ିଆର ପାଣି ଯଦି ପିଇବ,
ଅଫୁରନ୍ତ ଶକ୍ତି ଦେହେ ଆସିବ।
ସ୍ୱାଦିଷ୍ଟ ଫଳ ଏ ଅଟେ ନଡ଼ିଆ,
ଖାଇବାକୁ ଲାଗେ ଭାରି ବଢ଼ିଆ।
କତାରେ ହୁଏ ତା ଦଉଡ଼ି ଯୋତ,
ପଚି ସଢ଼ିଗଲେ ହୁଏ କମ୍ପୋଷ୍ଟ।
ଗଦି ଓ ତକିଆ କତାରେ ହୁଏ
ଝୁଣା ଝୁପ ସାଥେ ମହକୁ ଥାଏ।
ନଡ଼ିଆରୁ ତେଲ ହୁଏ ବାହାର,
ନଡ଼ିଆ ବ୍ୟଞ୍ଜନ କି ଚମତ୍କାର।
ସବୁ ଶୁଭକାର୍ଯ୍ୟେ ନଡ଼ିଆ ଖୋଜା,
ନଡ଼ିଆ ନଥିଲେ ହୁଏନି ପୂଜା।

ପଇଡ଼ କହନ୍ତି ଥିଲେଟି ପାଣି,
ଶଶ ଯଦି ଥିବ ନଡ଼ିଆ ଜାଣି।
ଖଡ଼ିକାରେ ତା'ର ପହଁରା ହୁଏ,
ରିମଳ କାମେ ଆଦର ପାଏ।
ଡ଼ାଳରେ ତାହାର ଚାଞ୍ଚରା ପଟି।
ମସିଣାର କାମ କରେ ସବୁଠି।
ନଡ଼ିଆରେ ହୁଏ ସ୍ୱାଦିଷ୍ଟ ପିଠା।
ଖାଇଲେ ଲାଗଇ ବହୁତ ମିଠା।
ତାରେଣୀ ମାଆର ନଡ଼ିଆ ପ୍ରିୟ,
ରୋଗ ଲାଗିକଲେ ହୁଏଟି ଜୟ।
ନଡ଼ିଆ ଡ଼ାଲମା ଭାରି ବଢ଼ିଆ,
ଖୁସିରେ ଖାଆନ୍ତି ତାକୁ ଓଡ଼ିଆ।
ନଡ଼ିଆ ପରିକା ଦେଖାତ ଗୁଣ,
ଭିତର ନରମ ଉପର ଟାଣ।
ନଡ଼ିଆଟି ରଖେ ଆମ ମହତ,
ସେ ଫଳରେ ମିଳେ ପୁଣ୍ୟ ବହୁତ।

# 'ବାପା ଓ ମା'

ବାପା ବୋଲି ଯେଉଁ ପ୍ରଚଳିତ ଶବ୍ଦ
ସଂସାରେ ଅଛି ରହି,
ଅପତ୍ୟ ସ୍ନେହକୁ ପିତା ବୁଝିଥାଏ
ତାଙ୍କ ପରି ନୁହେଁକେହି।
ବାପା ଡ଼ାକିଦେଲେ ବାପାର ହୃଦୟ
ଆନନ୍ଦରେ ଯାଏ ପୁରି,
ମାଆ ସିନା ଅଟେ ପୃଥିବୀ ସମାନ
ବାପାତ ଆକାଶ ପରି।
ସଂସାରକୁ ଆଣି ଆଲୋକ ଦେଖାଇ
ଜୀବନ ପାରନ୍ତି ଗଢ଼ି,
ବାପାତ ଅଟନ୍ତି ସନ୍ତାନର ସାଥି
ଜନନୀ କଲ୍ୟାଣ ପେଢ଼ି।
ଶାସ୍ତ୍ରତ କହିଛି ବାପାଥିଲା ପିଲା
ସଭାରେ ଯାଏନା ହାରି,
ମାଆଥିଲା ପିଲା ଦୁନିଆ ଡ଼ରେନା
ଦୁଃଖକୁ ଦିଏ ପାଶୋରି।
ବାପା, ମାଆ ଦୁଇ ଅଛନ୍ତି ଯାହାର
ସଂସାରରେ ସୁଖି ସେହି।
ମମତା ଡ଼ୋରୀରେ ବାନ୍ଧନ୍ତି ସଭିଙ୍କୁ
ତାଙ୍କପରି ନୁହେଁ କେହି।
ପିତା ଓ ମାତାଙ୍କୁ ଗୁରୁ ଜ୍ଞାନକରି
ମନେ ଯେଉଁ ପୁତ୍ରକନ୍ୟା,
ଜୀବନ ଯୁଦ୍ଧରେ ହାରେ ନାହିଁ କେବେ
ଆସଇ ଖୁସିର ବନ୍ୟା।

ବାପା, ମାଆ ହୋଇ ସଦାଚାର ଶିକ୍ଷା
ପିଲାଙ୍କୁ ନିଶ୍ଚୟ ଦିଅ,
ସୁମଣିଷ ହୋଇ ସଂସାର ଭିତରେ
ଜୀବନ କାଟିବ କୁହ ।
ଗୁରୁ, ଗୁରୁଜନ ପାଇଁ ଭକ୍ତିଭାବ
ସଦା ଅନ୍ତରରେ ରଖୁ,
ଲଘୁଜନ ପାଇଁ ସ୍ନେହ ଓ ସଦିଚ୍ଛା
ବାପା ମାଆଙ୍କଠୁ ଶିଖୁ ।
ଜରା ନିବାସରେ ବୃଦ୍ଧ ପିତାମାତା
ସଢୁଛନ୍ତି ଦୁଃଖ ସହି,
ଏପରି କରନ୍ତି ଯେଉଁ ପୁତ୍ରକନ୍ୟା
ଅଧମ ଅଟନ୍ତି ସେହି ।
ସ୍ୱାର୍ଥପର ଏହି ମଣିଷ ସମାଜ
ସ୍ୱାର୍ଥରେ ହୁଏ ପାଗଳ,
ବାପା, ମାଆ କିନ୍ତୁ ନୁହଁନ୍ତି ସେଭଳି
ଜିଇଁଥିବେ ଯେତେକାଳ ।
ଅପତ୍ୟ ସ୍ନେହରେ ଆଖି ବୁଜିଦେଲେ ।
ପିଲାଏ କରନ୍ତି ଗୋଳ,
ରାଜା ଧୃତରାଷ୍ଟ୍ର ଏପରି କରିକି
ବିନାଶିଲେ ନିଜ କୁଳ ।
ଏଥିରୁ ଶିଖନ୍ତୁ ସବୁ ପିତାମାତା
ସ୍ୱେଚ୍ଛାଚାରୀ ହେଲେ ପିଲା,
ଜୀବନରେ ସଦା ବିପଦ ଆସିବ
କପାଳ ତା'ର ଫାଟିଲା ।
ପିଲାର ଭବିଷ୍ୟ ଦେଖ ପିତାମାତା
ଦେଇ ତାଙ୍କୁ ଉଚ୍ଚଶିକ୍ଷା,
ବଡ଼ ହୋଇଦିନେ ଆଲୋକବିତରି
ଆମକୁ କରିବେ ରକ୍ଷା ।

# ବେଲ

ବେଲ ଗଛଟିକୁ ଦେଖିଲା ପରେ,
ଆଧ୍ୟାତ୍ମିକ ଚିନ୍ତା ଆସେ ମନରେ।
ଦେହସାରା ତା'ର କଣ୍ଟକ ପୂର୍ଣ୍ଣ,
ଶିବଙ୍କର ସେବା ପାଇଁ ତା' ଜନ୍ମ।
ଫଳଟି ତାହାର କେତେ ସୁନ୍ଦର
ସମସ୍ତଙ୍କ ଠାରୁ ପାଏ ଆଦର।
ବେଲପଣା କରି ପିଇଲେ ଭାଇ
ବାୟୁ ଦୋଷ ନିଶ୍ଚେ ଯିବ ଉଭେଇ।
ପଣା ସଂକ୍ରାନ୍ତିରେ ବେଲ ଚାହିଦା
ହିନ୍ଦୁଙ୍କର ପର୍ବେ ଲୋଡ଼ା ସର୍ବଦା।
ବେଲ ପତ୍ର ଅଟେ ପିତ୍ତନାଶକ,
ଅନୁଭବୀ ସିନା ଜାଣେ ଏତେକ।
ଶିବଙ୍କର ପ୍ରିୟ ଏ ବେଲପତ୍ର,
ତାଙ୍କ ପୂଜାପାଇଁ ଲୋଡ଼ା ସର୍ବତ୍ର।
ପାଦୁକା ସହିତ ବେଲ ପତର।
ପାଇଦେଲେ ମିଳେ ଶାନ୍ତି ଅପାର।

ପାଂଚ ପାଖୁଡ଼ାର ବେଲ ପତର,
ମିଳିଲେ ସୁଭାଗ୍ୟ ଆସେ ଆମର।
ବାଡ଼ି, ବଗିଚାରେ ମିଳେ ଏ ଗଛ,
ଦେବାଳୟେ ଥାଏ ନୁହେଁ ତ ମିଛ।
ଆୟୁର୍ବେଦ ଶାସ୍ତ୍ରେ ବେଲ ମହତ୍ତ୍ୱ
ଉଲ୍ଲେଖ ରହିଛି ଅନେକ ତତ୍ତ୍ୱ।
ଔଷଧୀୟ ଗୁଣେ ଭରା ଏ ବୃକ୍ଷ।
ହିନ୍ଦୁଧର୍ମ ସାଥେ ଯୋଡ଼େ ପ୍ରତ୍ୟକ୍ଷ।
ଏ ଗଛ ଆଦର ଆମ ସମାଜେ,
ଦେବବୃକ୍ଷ ବୋଲି କହୁ ସହଜେ।
ଏ ଗଛେ ରହନ୍ତି ଦେବତା ଦଳ
ନ ହାଣିବ କେବେ ଏ ଗଛମୂଳ।
ବେଲଗଛ ତେଣୁ ଆମର ପୂଜ୍ୟ
ଶୁଭ ହୋଇଥାଏ ସମସ୍ତ କାର୍ଯ୍ୟ।

# କଦମ୍ବ

କଦମ୍ବ ଗଛକୁ ପାଖରୁ ଦେଖ,
ଛତ୍ରି ଫୁଲ ତା'ର ଫୁଟେ ଅନେକ।
ଆଷାଢ଼େ ବରଷା ପରଶ ପାଇ
ଫୁଲର ସମ୍ଭାରେ ଗଛ ହସଇ।
ଗୋଲ ଗୋଲ ଫୁଲ ସୁଗନ୍ଧଯୁକ୍ତ
ଦେଖିଦେଲେ ମନ ହୁଏ ପବିତ୍ର।
ଯମୁନା କୂଳରେ କଦମ୍ବେ ମୂଳେ
କେଳି କରୁଥିଲେ କୃଷ୍ଣ ସେବେଳେ।
ଷୋହଳ ସହସ୍ର ଗୋପୀଙ୍କ ମେଳେ,
କୃଷ୍ଣ ବସୁଥିଲେ କଦମ୍ବ ଡ଼ାଳେ।
ଆମ ସଂସ୍କୃତିରେ କଦମ୍ବ ଗଛ,
ଉଚ୍ଚ ସ୍ଥାନପାଏ ନୁହେଁ ତ ମିଛ।
କଦମ୍ବ ଭିତରେ ପ୍ରେମର ଭାଷା,
ଈଶ୍ୱରୀୟ ଗୁଣେ ବାନ୍ଧିଛି ବସା।
ସୁଶୀତଳ ଶାନ୍ତ ପରଶ ତା'ର
ଆନନ୍ଦରେ ଆତ୍ମା ହୁଏ ଅଧିର।

କଦମ୍ବ ଗୋଟିଏ ନିଆରା ଫୁଲ,
ତା' ସହିତ କିଏ ହେବରେ ତୁଲ।
କଦମ୍ବ ଫୁଲରେ ପୂଜା ହୁଏନା,
ପୁରାଣେ ରହିଛି ତା'ର ବର୍ଣ୍ଣନା।
କଦମ୍ବ ଫୁଲକୁ ଯଦି ଶୁଙ୍ଘିବ,
ଶରୀର ଅସୁସ୍ଥ ନିଶ୍ଚେ ହୋଇବ।
କଦମ୍ବ ଫୁଲଟି ଆମର ମିତ,
ଦେବ ବୃକ୍ଷ ବୋଲି ଅଛି କଥିତ।
କଦମ୍ବ ଗଛରେ ରୁହଇ ସର୍ପ
ଗଛ ଚଢୁଥିଲେ ଥିବ ସତର୍କ।
ବୃକ୍ଷକୁ ପୂଜିବ, ଫୁଲ ବି ପୂଜ୍ୟ,
ଭାବିବନି କେବେ ଛେଦନ କାର୍ଯ୍ୟ।

# ମା' ନୁହେଁ ନାରୀ

ଅନେକ ଯନ୍ତ୍ରଣା ମନରେ ଚାପିଧରି,
ଅସୁମାରୀ ସ୍ୱପ୍ନକୁ ବାସ୍ତବ ରଙ୍ଗ ଦେବାକୁ,
ତା'ର ସୃଷ୍ଟି,
ବେଦନା ତା' ପାଇଁ ଆର୍ଶୀବାଦ,
ତା' ଶିଶୁ ତା' ପାଇଁ ଦେବଦୂତ,
ତା' ଜନ୍ମିତ ପିଲା ପାଖରେ, ଅନ୍ୟସବୁ ତୁଚ୍ଛ।
ନିଜପିଲା ପାଇଁ ତା ଗାଳି ଚନ୍ଦନଭଳି ଉତ୍ତମ,
କିନ୍ତୁ ହେଲେ ! ଅଭିଶାପ ହୁଏ ଅନ୍ୟପାଇଁ,
ତା' ହାତର କଅଁଳ ପରଶ,
ସବୁ ଦୁଃଖକୁ ଭୁଲାଇନିଏ,
ତା' କଥା ଅମୃତଠୁ ବି ମିଠା,
ସେଥିପାଇଁ ସେ ମା' – ମମତାମୟୀ।
ତା' ଛୁଆ ପାଇଁ ସେ ଅତୀବ ସ୍ୱାର୍ଥପର,
ସେ ପୁଣି ସର୍ବଂସହା,
ବିଭିନ୍ନ ରୂପରେ ସେ ପୁଣି ପରିଚିତ,
ଜନନୀ, ଜାୟା, ଭଗିନୀ ପୁଣି ଅଭାଗିନୀ,
ହୁଏ ନିଷ୍ଠୁର ସ୍ୱାର୍ଥାନ୍ଧ ମଣିଷ ହାତରେ,
ଅବେଳାରେ ଜୁଇରେ ତା ଶବ ଜଳିଉଠେ।
ଅମାନିଆ ପୁଅ ପାଇଁ ହୃଦୟ ତା' ନୀରବରେ କାନ୍ଦେ,
ସହିପାରେ ସବୁ ଦୁଃଖ କହିପାରେ ନାହିଁ କିଛି,
ରାତି ରାତି ଉଜାଗର ରହିପାରେ ସେହି ଏକା
ସନ୍ତାନର ବିଛଣା ପାଖରେ,
ସେଥିପାଇଁ ସେ ତ ଚିର ବନ୍ଦନୀୟା,
ସ୍ୱର୍ଗାଦପୀ ଗରୀୟସୀ,
ସ୍ନେହମୟୀ, ଜନନୀ ଭାବରେ।

ହେଲେ ବାଷ୍ପରୁଦ୍ଧ ଆଜି ପୁଣି କରିଦିଏ, ଏହି ମା' ଶବ୍ଦ !
ପୁଣି ମା' ପିଶାଚି ହୋଇ ତା' ଛୁଆର ରକ୍ତ ପିଇଯାଏ,
କେଉଁଠି ନିଜକୁ ରକ୍ଷା କରିବାକୁ ଛୁଆ ବିକ୍ରି କରେ,
ପୁଣି କେଉଁଠି ମା' ତା'ର ଅବୈଧ ସନ୍ତାନକୁ ଛାଡ଼ିଯାଏ
ଶୂନ୍ୟ, ଆକାଶ ତଳେ !
ମା' ପୁଣି ତା'ର ଭ୍ରୁଣହତ୍ୟା କରି ସଦା ରୂପସୀ
ରହିବାକୁ ବି ଚାହିଁପାରେ,
ପୁଣି ଚାରୋଟି ସନ୍ତାନର ଜନନୀ ଅନ୍ୟ ଏକ,
ବିବାହିତ ପୁରୁଷ ପ୍ରେମିକ ସାଥିରେ ବାଟବଣା ହୋଇଯାଏ,
ଝିଅରୁ ମା' ହୋଇ ମଧ୍ୟ ସେ ପୁଅ ଓ ଝିଅରେ ତଫାତ୍ ଦେଖେ,
ଉଗ୍ର ଆଧୁନିକତାର ଚାକଚକ୍ୟରେ,
ସେ ଆଜି ଝଲ୍‌ଝଲ ହେଉଛି ।
ମା' ଓ ମାତୃତ୍ୱ ତା' ପାଖରେ ଏକ ନିରର୍ଥକ ଶବ୍ଦ ମାତ୍ର ।
ପୁଣି ଝିଅଟିଏ କାହାଘରେ ବୋହୂ ହେଲାପରେ
ସମୟକ୍ରମେ ଶାଶୂ ବି ହୁଏ;
ହେଲେ ସିଏ ଶାଶୂ ହେଲାପରେ ବୋହୂ ଉପରେ
ହୁକୁମାତି ଆରମ୍ଭ କରିଦିଏ ।
ହାଏ ! ଗୋଟିଏ ନାରୀର କରୁଣ କାହାଣୀରେ,
ଅନ୍ୟ ଗୋଟିଏ ନାରୀର ପୃଷ୍ଠଭୂମି ହିଁ ଥାଏ ।
ପାଶ୍ଚାତ୍ୟ ସଭ୍ୟତାର ଅନୁକରଣରେ,
ସେ ଆଜି ନିଜ ସଂସ୍କୃତିକୁ ଭୁଲିଛି,
ଗୁରୁଜନମାନଙ୍କୁ ଅଣଦେଖା ବି କରୁଛି ।
ନିଜକୁ ସୁନ୍ଦରୀ ବୋଲି କହି ସେ ବେଶ୍ ଖୁସି ହେଉଛି,
ହେଲେ 'ବିଉଟି କଣ୍ଟେଷ୍ଟ'ରେ ନିଜର ଅନାବୃତ
ଶରୀରକୁ ନେଇ ସେ ଅନେକ ଆତ୍ମ ସନ୍ତୋଷ ପାଉଛି,
ଏହି ତ ଆମ ସମୟର ନାରୀ ।

# ସ୍ମୃତି - ତୁମେ ଅଭୁଲା ଅତୀତ

ସଦା ବନ୍ଦନୀୟ ଗୁରୁ 'ସତ୍ୟବାଦୀ' ନୀତି ଆଦର୍ଶକୁ ପାଥେୟ କରି
ହାତରେ ଧରି ମୁକ୍ତି ମଶାଲ,
ଦେଶ ହିତେ କେତେ ସାଧନା କଲ।
ତ୍ୟକ୍ତ କରି ଜୀବନ ସୁଖ, ଶିଶୁର ମନେ ମହକ ଭରି ହୋଇଛ ଧନ୍ୟ
ଶହ ଶହ ଶିଶୁ ପ୍ରାଣ ଗଢ଼ିଲ
ଅଫୁଟା କଢ଼କୁ ପୂର୍ଣ୍ଣାଙ୍ଗ କଲ।
ବାସ୍ତବରେ ତୁମେ ଗୁରୁକୁଳ ମଥାମଣି, ଶିକ୍ଷକ ସଂଘରେ ମନ ନିବେଶି
କରିଛ କଲ୍ୟାଣ ସମୂହ ପଣେ
ଖୋର୍ଦ୍ଧା ବୀରମାଟି ତୁମକୁ ଜାଣେ।
ଦୀପଶିଖା ପରି ଜଳି ଜଳି ତୁମେ ଜୀବନଯୁଦ୍ଧେ, ଗାଇଛ ଅନେକ ମୁକ୍ତି ସଂଗୀତ
ତୁମେ ଗୁରୁକୁଳ ମହାନାୟକ
ଦେଇ ଜ୍ଞାନାଲୋକ, ଅଟ ପୁଣ୍ୟଶ୍ଳୋକ।
ବଡ଼ ଚାକିରୀକୁ ହାତେ ଏଡ଼େଇ, ଶିକ୍ଷକ ବୃତ୍ତିକୁ ନେଲ କୋଳେଇ
ସାକ୍ଷର ହୁଅନ୍ତୁ ମଣିଷ ଜାତି
ଇତିହାସ ଗାଏ ତୁମ କୀରତି।
ଲିଖନ କଳାରେ ତୁମେ ହିଁ ପଟୁ - ଲେଖିଛ ଅନେକ ଗୀତ ପ୍ରବନ୍ଧ
'ରଣପୁର ଇତିହାସ' ଆଉ ରଘୁ ଦିବାକର ଜୀବନୀ କଥା
ଦେଶ କଥାକହେ 'ଆମ ଜାତୀୟ ପତାକା'
ଆହୁରି ଅନେକ ଗପ, ଗୀତ ବହି ଲେଖିଛ ଆମରି ପିଲାଙ୍କ ପାଇଁ
'ଜାତିର ଏକତା - ତ୍ରିରଙ୍ଗା ପତାକା'
'ଲାଲ ମାଟିର କବିତା' କହେ ଆମରି କଥା।।

ରହିଯାଇ ନାହିଁ ସାହିତ୍ୟ ଆକାଶେ, ହାରିନ କେଉଁଠି କେବେ କାହାଠୁ
ଆଳସ୍ୟ ତୁମକୁ ଛୁଇଁନି କେବେ
ସୁନ୍ଦର ଭାଷଣ ସୁବକ୍ତା ତୁମେ ।
ସିଂହପରି ଠାଣି ମୁଖମଣ୍ଡଳଟା ହୃଦୟଟା କିନ୍ତୁ ନରମ ଅତି
ତୁମେ ଉପକାରୀ କର୍ତ୍ତବ୍ୟ ସାଥୀ,
ତୁମେ ଗୁଣୀ, ଜ୍ଞାନୀ, ସାହିତ୍ୟ ରଥି ।
ହସ ହସ ମୁହଁ ଚଞ୍ଚଳଗତି, ଶ୍ରେଷ୍ଠ ଖଣ୍ଡାୟତ; ଧନ୍ୟ ଏ ମାଟି
ପୂଜ୍ୟ ଗୁରୁକୁଳ ଦୀପ୍ତ ନକ୍ଷତ୍ର
ତୁମରି ବନ୍ଦନା କରୁ ସର୍ବତ୍ର ।

# ସ୍ମୃତି ବିଜଡ଼ିତ ପାଇକ ଗଡ଼

ଗଡ଼ ସଂସ୍କୃତିର ପାଇକ ଭୂଇଁ
ଖୋର୍ଦ୍ଧା ଏ ରାଜ୍ୟ ଯାଇଛି ଶୋଇ ।
ବୀର ପାଇକର ଜଳିଛି ଚିତା
ସାକ୍ଷୀ ବରୁଣେଇ ସାକ୍ଷୀ ଜନତା ।
ଅଟ୍ରି, ବୋଲଗଡ, ଗଡ଼ମାଣତୀର
ସିକୋ, ନାଲସିଂହ, କାଇପଦର ।
ଗଡ଼ ବଳଭଦ୍ରପୁର, ରାମେଶ୍ୱର
ଗଙ୍ଗପଡ଼ା କରେ ଭୀତି ସଞ୍ଚାର ।
ଛତ୍ରମା, କେରଙ୍ଗ, ଜୟ ମଙ୍ଗଳ
ଡୁମୁଡୁମା, ଘାଟିକିଆ, ରେଙ୍ଗଳ ।
କୁହୁଡ଼ି, ସୋରଣ, ବଡ଼ପାରିଗଡ଼
କୁଶପଲା, ଖଜୁରିଆ, ଭଜାଗଡ଼ ।
ମାଧବ ସର୍ଦ୍ଦାର, ତାପଙ୍ଗଗଡ଼
ବୀର ପ୍ରସବିନୀ ନରଣଗଡ଼ ।
ମାଣିବନ୍ଧ, ଟିକାତାଳ, ଅରାଙ୍ଗ
କୃତ୍ତିବାସ ସ୍ମୃତି ଖେଳେ ତରଙ୍ଗ ।
ସାମନ୍ତସିଂହାରପୁର ବାଙ୍କୋଇ
ନାହିଁତ ପ୍ରାଚୀର ସେ ଗଡ଼ଖାଇ
ଅଜ୍ଞାତ ହୋଇଛି ଅନେକ ଗଡ଼
ମାଟିରେ ମିଶିଛି ପାଇକ ହାଡ଼ ।

ଗଡ଼ମାନଙ୍କରେ ଦଳବେହେରା
ସମରେ ପାଇକ କରନ୍ତି ତ୍ୱରା ।
ଦଳେଇ ସାମନ୍ତ ଦଳବେହେରା
କେତେ ଲୁଚିଗଲା ସେ ପତିଆରା ।
ଭାବିନେଲେ ଥରେ ଘୁରୁଛି ମଥା
ଅତୀତ ଗୌରବ ବୀରତ୍ୱ ଗାଥା ।
ବୀର ବେଶ ପିନ୍ଧି ବୀର ସଇନ
ସମୂଳେ କରନ୍ତି ଶତ୍ରୁ ନିଧନ ।
ମୁଣ୍ଡରେ ପଗଡ଼ି ହାତରେ ଖଣ୍ଡା
ଫରଫର ଉଡ଼େ ସ୍ୱଦେଶ ଝଣ୍ଡା ।
ଝପଟି ଯାଆନ୍ତି ଘୋଡ଼ାରେ ଚଢ଼ି
ପଳାନ୍ତି ବଇରୀ ରାଇଜ ଛାଡ଼ି ।
ନାହିଁ ସେ ଚମକ ନାହିଁ ସେ ବାଜା
ନାହାନ୍ତି ସାମନ୍ତ ନାହାନ୍ତି ରାଜା ।
ଦେଶ ହିତେ ମରି ବୀର ପାଇକ
ଛାଡ଼ି ଯାଇଛି ତା ସ୍ମୃତି ଅନେକ ।
କାହା ପାଖେ ମୁଣ୍ଡ ନୁଆଁଇ ନାହିଁ
ଖଣ୍ଡାୟତ ବୀର ମରଣଜୟୀ ।
ଜାଗାରେ ପାଇକ ଦେଇ ହୁଙ୍କାର
ସ୍ୱାଭିମାନ ଶିରୀ କରୁ ଫୁତ୍କାର ।

# ଦୁଷ୍ଟ ପିଲାଙ୍କ ଭାଗବତ

ଶୁଣରେ ପିଲେ ଭାଗବତ । ଅଧମ ଛାତ୍ରଙ୍କ ଚରିତ ।।
ଅଧମମାନେ ଦୂରାଚାରୀ । ସବୁରି ଘରେଛନ୍ତି ପୂରି ।।
କୂଟ କପଟ ତାଙ୍କ ନୀତି । ଦିଅନ୍ତି ସଭିଙ୍କୁ ସେ ଭିତୀ ।।
କୁହଁନ୍ତି ନାହିଁ ଭଲକଥା । ଦିଅନ୍ତି ସମସ୍ତଙ୍କୁ ବ୍ୟଥା ।।
ହିଂସ ଅଟଇ ତା' ସ୍ୱଭାବ । ତାକୁ କି ମନୁଷ୍ୟ କହିବ ? ।।
ପାଷାଣ୍ଡ ଦୁର୍ବୁତ୍ତ ସେ ନର । ଉତ୍ତମ ଭାଗ୍ୟ ନାହିଁ ତା'ର ।।
କଥାଏ ଶୁଣ ପିଲାମାନେ । ଆଗକୁ ଚଳ ସାବଧାନେ ।।
ବାଲ୍ୟକାଳରେ ବିଦ୍ୟାଭ୍ୟାସ । ଉଚିତ ଅଟଇ ଅବଶ୍ୟ ।।
ବିଦ୍ୟା ଅର୍ଜନେ ଯଶପାଇ । କୂଳର ଗାରିମା ବଢ଼ଇ ।।
ବିଦ୍ୟାକୁ ନକରି ଆୟତ୍ତ । ଅଯଥାକର୍ମେ ହୋଇମତ୍ତ ।।
ଦୁଷ୍ଟବୁଦ୍ଧିରେ ବାଲ୍ୟକାଳ । କାଟି ଦିଅଇ ଯେଉଁ ବାଳ ।।
ତାହାର ହୁଏ ସର୍ବନାଶ । ପାଏନି କେଉଁଠାରେ ଯଶ ।।
ଛାତ୍ରର ଭଲମନ୍ଦ ବାଣୀ । ପାରନ୍ତି ଗୁରୁ ନିଶ୍ଚେ ଜାଣି ।।
ବିଦ୍ୟାଳୟକୁ ଆସେ ନିତି । ପାଠରେ ନଥାଏ ତା' ମତି ।।
ସଦା କଳହେ ମାତିଥାଏ । ସାଥୀ ପିଲାଙ୍କୁ ମାରୁଥାଏ ।
ସାଙ୍ଗ ପିଲାର ଦ୍ରବ୍ୟଚୋରୀ । ଚଂଚଳ ହୁଏ ମନ ତାରି ।।
ଗୁରୁଙ୍କୁ କରେ ତିରସ୍କାର । ତାଙ୍କ କଥାକୁ ବେଖାତିର ।।
ଗୁରୁଜନଙ୍କୁ ଶ୍ରଦ୍ଧାନାହିଁ । ଅବାଧ୍ୟ ହୋଇଥାଏ ସେହି ।।
ଶ୍ରେଣୀ ଗୃହରେ ସିନା ବସେ । ପାଠଟି ବିଷ ପ୍ରାୟ ଦିଶେ ।।
ଶ୍ରେଣୀକୁ ଅସିଲାରବେଳେ । ବାଟରେଲୁଚେ ସାଙ୍ଗମେଳେ ।।
ଲୁଚିଲୁଚିକା ବରକୋଳି । ଆମ୍ବ, ସେପଟା ଯେ ପିଜୁଳି ।।

ଜାମୁକୋଳି ଓ ବଢ଼ିଆଳ । କମଳା, ଲେମ୍ବୁ, ନାରିକେଳ ।।
ଲୁଟି କରିଣ ଖାଏ ସିଏ । ଏହି ବିଦ୍ୟାଟି ଭଲ ହୁଏ ।।
ମାଆଙ୍କୁ ନଥାଏ ଖାତିର । ଇଚ୍ଛାନୁସାରେ କର୍ମ ତା'ର ।।
ଗୁରୁଙ୍କୁ ଗୋରୁ ପ୍ରାୟ ମଣେ । କାହାରି କଥାକୁ ନମାନେ ।।
ନିଶାଦ୍ରବ୍ୟରେ ମନ ତା'ର । ସୁବିଧା ଦେଖି ବ୍ୟବହାର ।।
ପଛ ଧାଡ଼ିରେ ବସେ ଯାଇ । ଗୁରୁଙ୍କ ପାଠ ନକରଇ ।।
ଦୁଷ୍ଟ ସାଙ୍ଗକୁ କରି ମେଳ । ଶ୍ରେଣୀରେ ସୃଷ୍ଟି କରେ ଗୋଳ ।।
ସ୍ନାନ କାର୍ଯ୍ୟକୁ ଭୁଲିଯାଏ । ଦାନ୍ତ ନଘଷି ଖାଦ୍ୟ ଖାଏ ।
ନଖ ନକାଟେ କାଳେ କାଳେ । ମୁଣ୍ଡ କୁଣ୍ଡାଏ ବେଳେବେଳେ ।
ଗୁରୁ ଦଣ୍ଡିଲେ ଏଥିପାଇଁ । ଗୁରୁଙ୍କ ବିଘ୍ନ କରେ ସେହି ।।
ଗାଡ଼ିର ଚକା କଣାକରି । କିମ୍ବା ବାଟରେ ଟେକାମାରି ।।
ପ୍ରତିଶୋଧ ତ ନେବା ପାଇଁ । କେତେ ଉପାୟ କରେ ସେହି ।।
ଅବଶ୍ୟ ବଡ଼ ହେଲାପରେ । ବିଗତ କଥା ବୁଝିପାରେ ।।
ବ୍ୟଥିତ ହୁଏ ମନ ତା'ର । ଦୁଃଖ ପାଇବା ହୁଏ ସାର ।।
ଭବିଷ୍ୟ ହୁଏ ଅନ୍ଧକାର । ଜାଣି ନପାରେ ସେହି ନର ।।
ବାଲ୍ୟ ଜୀବନ ଅକାରଣ । ହେଲେ ମିଳଇ କଷ୍ଟ ଜାଣ ।
ନିଜର କଲା କର୍ମମାନ । ସେ ରୂପେ ମିଳେ ଧର୍ମଧନ ।।
ସେବେଳେ ନରର ମୁକତି । କାହୁଁ ଜାଣିବ ମୂଢ଼ମତି ।।
ସାରା ଜୀବନ ପାଠଚୋର । ତା'ର ଜୀବନ ହା' ହା' କାର ।।
ଗୁରୁଙ୍କୁ ନମଣିବ ନର । ଗୁରୁହିଁ ସାକ୍ଷାତ୍ ଈଶ୍ୱର ।।
ଗୁରୁଙ୍କ ପାଦ ସେବାକରି । ହେଲେ ବାଳକ ଯାଅ ତରି ।।
ତେଣୁ ହେ ଛାତ୍ରଛାତ୍ରୀ ମୋର । ଅବାଧ୍ୟ ହୁଅନାହିଁ କାର ।।
ପିତାମାତାଙ୍କୁ ଭକ୍ତିକର । ଭବିଷ୍ୟ ହେବ ସୁଖକର ।।
ଗୁରୁଜନଙ୍କୁ ଭକ୍ତି ଭାବ । କରିଲେ ଲାଭଟି ମିଳିବ ।।
ସାନମାନଙ୍କୁ ସ୍ନେହକଲେ । ସୁଖତ ମିଳିବରେ ପିଲେ ।।

ଆଦର୍ଶ ଜୀବନଯାପନ । କଲେ ହୋଇବା ଭାଗ୍ୟବାନ ।।
କାହାକୁ ଦେବାନାହିଁ କଷ୍ଟ । ହୋଇବା ନାହିଁ କେବେ ଦୁଷ୍ଟ ।
ଗୁରୁଙ୍କ ନୀତି ହିତକଥା । ନହେଉ ତୁମପାଇଁ ବ୍ୟଥା ।।
ଗୁରୁଙ୍କୁ ଯା'ର ଶ୍ରଦ୍ଧା ନାହିଁ । ଉତ୍ତମ ଭାଗ୍ୟ ତା'ର କାହିଁ ।।
ଗୁରୁଙ୍କ ଆର୍ଶିବାଦ ବଳେ । ଜଗତେ ପୂଜ୍ୟ ହେବ ହେଳେ ।।
ବିନା ଭକ୍ତିରେ ଯେଉଁ ପୂଜା । ସେଥିରେ ନଥାଏଟି ମଜା ।।
ଗୁରୁଙ୍କ ଆଜ୍ଞାକୁ ମାନିବ । ଅବାଧ କେବେ ନହୋଇବ ।।
ଆଜିର କାମ କାଲି ହେବ । ଏପରି ଚିନ୍ତା ନଭାବିବ ।।
ସଂଜ ସକାଳେ ବସି ତହିଁ । ପ୍ରର୍ଥନା ନିଶ୍ଚେ କରିବଇଁ ।
ଈଶ୍ୱର ବିଶ୍ୱାସ ବଳରେ । ସବୁ ସମ୍ଭବ ଅକ୍ଳେଶରେ ।।
ପୂଜିବ ଗୁରୁଙ୍କ ଚରଣ । ସୁଖ ମିଳିବ ଅନୁକ୍ଷଣ ।।
ଜଗତେ ହେବ ଜଗତଜିତା । ଜାଣରେ ପିଲା ଏହିକଥା ।

# ଆମ୍ବ

ଆମ୍ବ ଭଳି ଏକ ସୁସ୍ୱାଦୁ ଫଳ
ଜଗତରେ ନିଶ୍ଚେ ଅଟେ ବିରଳ।
ଭଳି ଭଳି ଆମ୍ବ ମିଳେ ସଂସାରେ
ରସାଳ ସ୍ୱାଦିଷ୍ଟ କେତେ ପ୍ରକାରେ।
ଆମ୍ବକୁ ଖାଇଲେ ମିଳଇ ବଳ
ଭିଟାମିନ ଯୁକ୍ତ ଅଟେ ଏ ଫଳ।
ଆମ୍ବରେ ଆମ୍ବର ବଢ଼ିଆ ହୁଏ
ଆମ୍ବସଢ଼ା କଥା ଜାଣୁ ସଭିଏଁ।
ସେ ଫଳ ଚଟଣୀ ଯିଏ ଖାଇଛି
ତା'ର ସ୍ୱାଦ କଥା ସିଏ ଜାଣିଛି।
ଆମ୍ବର ଟାକୁଆ ଗରୀବ ଖାଦ୍ୟ
କୋଇଲିରେ ପୁଣି ହୁଅଇ ମଦ୍ୟ।
ଅଜୀର୍ଣ୍ଣ ହୋଇଲେ ଖାଇବ ଆମ୍ବ
ସେ ବେଳେ ଦେହରେ ଆସିବ ଦମ୍ଭ।
ଆମ୍ବ ନସା ଯଦି ଅଙ୍ଗେ ପଡିଲା
ଘା' ଜାଣ ସେଠି ନିଶ୍ଚେ ହୋଇଲା।
ଆମ୍ବଡାଳ ଲୋଡା ଶୁଭ କାର୍ଯ୍ୟରେ
ଲେଖା ହୋଇଅଛି ଆମ ଶାସ୍ତ୍ରରେ।
ଛ' ଦିନରେ ଯଦି ଫେରିଲ ଘରେ
ଆମ୍ବ ଡାଳ ଭାଙ୍ଗି ରଖ ଦୁଆରେ।
ଆମ୍ବଗଛ ବଡ ପତ୍ର ତା' ଛୋଟ
ସତ୍ୟଯୁଗ କଥା କରେ ପ୍ରକଟ।
ଆମ୍ବ ତ ଅଟଇ ଜାତୀୟ ଫଳ
ଆଉ କେହି ନୁହେଁ ତାହାରି ତୁଲ।

# ଲେମ୍ବୁ

ଲେମ୍ବୁଟିଏ ଦେଖ କେଡ଼େ ସୁନ୍ଦର
ସେ ଗଛରେ ଫଳ ହୁଏ ପ୍ରଚୁର ।
ଲେମ୍ବୁର ତ ଅଛି କେତେ ସୁଗୁଣ
ସ୍ୱାସ୍ଥ୍ୟ ପାଇଁ ହିତକାରୀ ସେ ଜାଣ ।

ଭିଟାମିନ ସି' ଯୁକ୍ତ ଏ ଫଳ
ଶରୀରକୁ ଦିଏ ବିଶେଷ ବଳ ।
ଅରୁଚି, ଦୁର୍ଗନ୍ଧ ଦୂରେଇ ଦିଏ
ଶୁଭକର୍ମପାଇଁ ସେ ଖୋଜାହୁଏ ।

ଲେମ୍ବୁରେ ଅଚାର ହୁଅଇ ଭଲ
ଲେମ୍ବୁ ସରବତ ପିଇଲେ ଭଲ ।
ଏ ଫଳ ରସରେ ଦାଗ ଛାଡ଼ଇ
ଶୁଙ୍ଘି ଦେଲେ ବାନ୍ତି ଯାଏ ଦୂରେଇ ।

ଗୋଲ ଗୋଲ ଫଳ ପାଣି ପ୍ରଚୁର
ଖାଇଲେ ଅଜୀର୍ଣ୍ଣ ହୁଏ ବାହାର ।
ଡାକ୍ତର କହନ୍ତି ଲେମ୍ବୁର ରସ
ଶରୀର ସୁରକ୍ଷା କରେ ଅବଶ୍ୟ ।

ଲେମ୍ବୁ, ଲୁଣ, ଲଙ୍କା ଏ ତିନି କଥା
ଖାଇଲା ସମୟେ ଲୋଡ଼ା ସର୍ବଥା ।
ବାସ୍ତୁ ଦୋଷଥିଲେ ଅବା କେଉଁଠି
ସେ ଫଳକୁ ରଖ ନିଶ୍ଚେ ସେଇଠି ।

ଦୋଷା ଦୋଷ ସବୁ ଦୁରେଇଯିବ
ଶୁଭ ବେଳା ଆସି ପହଞ୍ଚିଯିବ ।
ତାଚ୍ଛଲ୍ୟ କରନ୍ତି ଧରି ଲେମ୍ବୁକୁ
ଲେମ୍ବୁ କଥା କୁହ ନାହିଁ କାହାକୁ ।

ଲେମ୍ବୁ ତେଣୁ ଅଟେ ସବୁରି ପ୍ରିୟ ।
ଘରେ ଘରେ ଥାଏ ତା'ପରିଚୟ ।

# ଗଛପରି କିଏ ହେବରେ

ଗଛପରି କିଏ ହେବରେ
ଗଛପରି ହେବ କିଏ ?
ଫଳ, ଫୁଲ, ପତ୍ର ସଜାଇ ଦେହରେ
ପ୍ରାଣୀମନ ମୋହି ନିଏ ।
ଫଳରୁ ବା ମଞ୍ଜି, ମଞ୍ଜିରୁ ବା ଫଳ
କିଏ ଅବା ଦେବ କହି,
ଗଛଟିଏ ଯେଉଁ ପିଲା ଲଗାଇବ
ଭଲ ଭାଗ୍ୟ ପାଏ ସେହି ।
ଆମ ପରିବେଶ ହେଉଛି ଉତପ୍ତ
ବୃକ୍ଷତ ଆମ ଜୀବନ
ଆମ ପାଇଁ ଆମେ ଲାଗାଇଲେ ଗଛ
ହୋଇବ ମହତ କର୍ମ ।
ନଥିଲେରେ ବୃକ୍ଷ ହେବ ମରୁଭୂମି
ଆମ ଏ ପୃଥିବୀ ମାତା,
ମାନବ ସମାଜ ହନ୍ତ ସନ୍ତ ହେବ
ପାଇବ ଦାରୁଣ ବ୍ୟଥା ।
ବୃକ୍ଷ କରେ ବର୍ଷା ଦିଏ ଅମ୍ଳଜାନ
ପୁଣି ଦିଏ ଫୁଲ ଫଳ,
ଆମେ ଗଛ ପାଇଁ ଗଛ ଆମ ପାଇଁ
ଅଟଇ ଅମୂଲ ମୂଲ ।

ବାୟୁମଣ୍ଡଳକୁ ବିଶୁଦ୍ଧକରଇ
ଶୋଷି ଅଙ୍ଗାରକ ବାଷ୍ପ,
ଅମ୍ଳଜାନ ଭାଗ ସମତୁଲ ରଖେ
ଜୀବ ଜଗତ ଆଶ୍ୱସ୍ତ।
ଗଛଟିଏ ଆମ ପୁଅ ପରି ଏକା
ଗଛ ଲଗାଇବା ଚାଲ,
ଗଛ ଲଗାଇଲେ ରହିବ ପୃଥିବୀ
ପରିବେଶ ହେବ ଭଲ।
ଜଳ ହିଁ ଜୀବନ, ବୃକ୍ଷ ବି ଜୀବନ
କହନ୍ତି ସକଳ ନର,
ବୃକ୍ଷ ପାଇଁ ସିନା ଏ ପୃଥିବୀ ଅଛି
ଗଛର ଗୁଣ ଅପାର।
ବୃକ୍ଷକୁ ପୂଜନ୍ତି ମାନବ ସମାଜ
ବୃକ୍ଷ ଦେବ ବୋଲି କହି
ଦାନା, କନା ଆମ ସାଇତି ରଖିଛି
କାମଧେନୁ ରୂପ ନେଇ।
ଗଛକୁ ପୂଜିବ ଦେବତା ସମାନ
ନକାଟିବ ମୂଳ ଡାଳ,
ଏକାଧିକ ଗଛ ଲଗାଇଲେ ତୁମ
ଜୀବନ ହେବ ସଫଳ।
ନାନାଦି ଔଷଧ ଗୁଣେ ଭରପୂର
ଆମ ଏ ବୃକ୍ଷ ସକଳ,
ବ୍ୟବହାର କଲେ ଏହି ବନୌଷଧୀ
ମିଳଇ ବହୁ ସୁଫଳ।

ଗଛ, ବୃକ୍ଷ, ତରୁ, ଉଦ୍ଭିଦ
ପୁଣି ଦାରୁ ଦ୍ରୁମ ନାମ,
ଗଜତରେ ସିଏ ସାଧେ ପ୍ରାଣୀ ହିତ
ସାର୍ଥକ ବୃକ୍ଷ ଜନମ।
ବୃକ୍ଷ ପରି ହେବ କିଏରେ
ବୃକ୍ଷ ପରି ହେବ କିଏ ?
ସର୍ବସଂହା ଏହି ଧରିତ୍ରୀ ପରିକା
ସବୁ କଷ୍ଟ ସହି ନିଏ।
ନିଜ ଜୀବନକୁ ତିଳ ତିଳ କରି
ପ୍ରାଣୀ ହିତ ସଦା ସାଧେ
ଗଛ ଟିଙ୍କୁ କେବେ ହାଣିଲେ ମାନବ
ନୀରବରେ ସିଏ କାନ୍ଦେ।
ବନୋମହୋତ୍ସବ ସମୟରେ ସର୍ବେ
ବୃକ୍ଷର ମହିମା ବୁଝିବ,
ଗଛଟିଏ ନିଶ୍ଚେ ଲଗାଇବା ସହ
ଅନ୍ୟକୁ ଏକାଥା କହିବ।